ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.228 Bhubaneswar Friday, October 29, 2021 | ୨୪ତମ ବର୍ଷ ସଂଖ୍ୟା-୨୨୮ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ଲକ୍ଷ୍ନୌରେ 'ଭବ୍ୟ ଦୀପାବଳୀ ମେଳା'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ବହିଷ୍କୃତ କନଷ୍ଟେବଲ ପ୍ରସନ୍ନ କୁମାର ବେହେରାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୮।୧୦(ପି.ଏନ): କମିସନରେଟ୍ ପୁଲିସର ପୂର୍ବତନ କନଷ୍ଟେବଲ ପ୍ରସନ୍ନ କୁମାର ବେହେରାଙ୍କ କଳ୍ପନା ଛକସ୍ଥିତ ସରକାରୀ କ୍ୱାର୍ଟର ଓ ପୈତୃକ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଛି । ଚଢାଉ ବେଳେ ପ୍ରସନ୍ନଙ୍କ ନାଁରେ ଆଖି ତରାଟିଲା ଭଳି ସମ୍ପତି ରହିଥିବା ସାମ୍ନାକୁ ଆସିଛି। ଡୁମଡୁମାରେ ପ୍ରସନ୍ନଙ୍କ ଫର୍ଣ୍ଣିଚର ଶୋ' ରୁମର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଶୋ' ରୁମ୍‌ରେ ରହିଛି ଲକ୍ଷାଧିକ ଟଙ୍କାର ବହୁମୂଲ୍ୟ ସାମଗ୍ରୀ। ୨୦୧୯ ମସିହାରେ ୦.୨୫୦ ଏକର ଜମିକୁ ୧ କୋଟି ୪୭ ଲକ୍ଷ ୬୦ ହଜାର କୋଟିରେ ପ୍ରସନ୍ନ କିଣିଥିଲେ। ହେଲେ ସେହି ଜମି ବଜାର ଦାମରୁ ଢେର ଅଧିକ ବୋଲି ଆକଳନ କରୁଛି ଭିଜିଲାନ୍ସ। ୧୮୦୦ ବର୍ଗ ଫୁଟ୍ ଅଂଚଳରେ ନିର୍ମାଣ ହୋଇଥିବା ଏହି ବିଲ୍ଡିଂ ର ଦାମ୍ ୨ କୋଟି ହେବ ବୋଲି ଆକଳନ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୁହା ଯାଇଛି ଯେ ସ୍ୱତନ୍ତ୍ର ଜଜଙ୍କ ଆଦେଶକ୍ରମେ ସଦାନନ୍ଦ ବେହେରାଙ୍କ ପୁଅ ପ୍ରସନ୍ନ କୁମାର ବେହେରାଙ୍କ ଘରେ ଚଢ଼ାଉ କରାଯାଉଛି । ପ୍ରସନ୍ନଙ୍କ କଳ୍ପନା ଛକରେ ଥିବା ନିଜ ସରକାରୀ କ୍ୱାର୍ଟର ଏବଂ ଏହା ସମ୍ପ୍ରସାରଣ ବିଲଡିଂ, ଡୁମଡୁମାଠାରେ ଥିବା ସ୍ୱାର୍କ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍, ରାଜଧାନୀର ଲିଙ୍ଗପୁରର ସନ୍ତୁବିହାରରେ ଥିବା ଫର୍ନିଚର ୱାର୍କସପ୍, ପାତ୍ରପଡ଼ାଠାରେ ଥିବା ସାଉଥ୍ ସିଟି ବାର୍ ଏବଂ ତାଙ୍କର ଖୋର୍ଦ୍ଧା ଜିଲ୍ଲାର ନୂଆପଡ଼ାରେ ଥିବା ଦୁଇମହଲା ବିଶିଷ୍ଟ ପୈତୃକ ଘରେ ଏହି ଚଢ଼ାଉ ହୋଇଥିଲା। ୨ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ଅଧିକାରୀଙ୍କ ନେତୃତ୍ୱରେ ୫ଟି ଟିମ୍ ଏହି ଭିଜିଲାନ୍ସ ଚଢ଼ାଉ କରାଯାଇଛି ।ବହୁଚର୍ଚ୍ଚିତ ମନୀଷ ଅନୁରାଗ ଦାସ ହତ୍ୟା ମାମଲାର ଖିଅ ଖୋଜୁ ଖୋଜୁ ସାଉଥସିଟି ହୋଟେଲରେ ପହଂଚିଥିଲା କମିଶନରେଟ୍ ପୁଲିସ୍। ବେଆଇନ୍ ଭାବେ ଚାଲୁଥିବା ସାଉଥ୍‌ସିଟି ବାର ର ନାଁ ସାମ୍ନାକୁ ଆସିଥିଲା। ପ୍ରସନ୍ନ ତାଙ୍କ ଭାଇଙ୍କ ନାଁରେ କୋଭିଡ୍ ନିୟମକୁ ଉଲ୍ଲଙ୍ଘନ କରି ବିନା ଲାଇସେନ୍ସରେ ଡ୍ୟାନ୍ସ ବାର୍ ଚାଲାଉଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ହୋଟେଲ୍ କୁ ସିଲ୍ କରିବା ସହିତ ପ୍ରସନ୍ନଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଗିରଫ କରିଛି।

## ଗୋଟିଏ ଦିନରେ ୪୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୦୨୩୦ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୭ ହଜାର ୧୦୮ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭୪୭ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୧୨ ଜଣଙ୍କ ମଧ୍ୟରୁ ୨୩୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୮୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୫, ଭଦ୍ରକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସାମାଜିକ ଓ ଭାବାତ୍ମକ ଶିକ୍ଷା ପାଇଁ କିସ୍-ୟୁନେସ୍କୋ ବୁଝାମଣା

ନୂଆଦିଲ୍ଲୀ, ୨୮।୧୦(ପି.ଏନ): ସାମାଜିକ ଓ ଭାବାତ୍ମକ ଶିକ୍ଷା ଉପରେ ଅନ୍‌ଲାଇନ୍ ପାଠ୍ୟକ୍ରମ ସକାଶେ କିଟ୍-କିସ୍ ଓ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଣ୍ଟ (ଏମ୍‌ଜିଆଇଇପି) ମଧ୍ୟରେ ଗୁରୁବାର ମିଳିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ ଏବଂ ୟୁନେସ୍କୋ ଏମ୍‌ଜିଆଇଇପିର ନିର୍ଦ୍ଦେଶକ ଡ. ଅନନ୍ତ ଦୁରିଆପ୍ପାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କିଟ୍ ଓ କିସ୍‌ର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଏମ୍‌ଜିଆଇଇପି ଅନଲାଇନରେ ସହାନୁଭୂତି ଓ ମାନବିକତା ପାଇଁ ସ୍ୱନିର୍ଦ୍ଦେଶିତ ଭାବାତ୍ମକ ଉପରେ ଶିକ୍ଷା ପ୍ରଦାନ କରିବ। ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ କିଟ୍ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ପ୍ରଥମ। ଏହି ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ମଧ୍ୟ ଅନୁମୋଦନ କରିଛି। ୩ଟି ପର୍ଯ୍ୟାୟରେ ୧୦ଟି କୌଶଳ ଉପରେ ୪୦ ଘଣ୍ଟାର ପାଠ୍ୟକ୍ରମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ




ଯୋଗଦେଇ ୟୁନେସ୍କୋ ଏମ୍‌ଜିଆଇଇପିର ନିର୍ଦ୍ଦେଶକ ଡ. ଦୁରିଆପ୍ପା କହିଲେ, କିସ୍ ହେଉଛି କିଟ୍ ମାନବିକତାର ଦର୍ପଣ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବେସିତ ଆର୍ଟ ଅଫ୍ ଗିଭିଂ, କନ୍ୟା କିରଣ, କଳିଙ୍ଗ ଫେଲୋସିପ, ନୂଆ ମନ ନୂଆ ସପନ, ଓଡ଼ିଶା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଶକ୍ତିକରଣ ଆଦି କାର୍ଯ୍ୟକ୍ରମ କରିବା ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ବିଶ୍ୱ ମହାମାରୀ ସମୟରେ ମଧ୍ୟ ଗରିବ ଓ ନିସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇ କିଟ୍ ଓ କିସ୍ ଦୟା ଓ ମାନବିକତାର ନିଦର୍ଶନ ଦେଖାଇଛନ୍ତି ବୋଲି ସେ କହିଥିଲେ। ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ଏଭଳି କାର୍ଯ୍ୟକ୍ରମ କରିବା ମୁଁ ଦେଖିନାହିଁ ବୋଲି ଡ. ଦୁରିଆପ୍ପା କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍ ଉଭୟ ଅନୁଷ୍ଠାନ ସହାନୁଭୂତି, ଦୟା ଓ ମାନବିକତା ମୂଲ୍ୟବୋଧ ଉପରେ ଗଢ଼ି ଉଠିଛି। ୟୁନେସ୍କୋ ଏମ୍‌ଜିଆଇଇପି ସହଯୋଗରେ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଭାବାବେଗ ସଶକ୍ତ ହୋଇପାରିବେ। ପ୍ରଥମ ପର୍ଯ୍ୟାୟରେ ୟୁନେସ୍କୋ ଏମ୍‌ଜିଆଇଇପି ଏଥିପାଇଁ ୧ ହଜାର ଫାକଲ୍‌ଟି ଏବଂ କର୍ମଚାରୀ ଓ ୧୧ ହଜାର ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ଶିକ୍ଷା ପ୍ରଦାନ ବୋଲି କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଶ୍ରୀ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀରେ ଅବସ୍ଥିତ ଜାତିସଂଘ ଓ ଅନେକ ଦୂତାବାସର ପ୍ରତିନିଧି ଯୋଗଦେଇଥିଲେ। ୟୁନେସ୍କୋ ଏମ୍‌ଜିଆଇଇପି ଓ ଆମେରିକାର ଲାଇଫ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ପାଠ୍ୟକ୍ରମକୁ ବିକଶିତ କରିଛନ୍ତି। ୪୦ଘଣ୍ଟାର ଏହି ପାଠ୍ୟକ୍ରମ ଶେଷ କରୁଥିବା ସମସ୍ତ ଶିକ୍ଷାର୍ଥୀଙ୍କୁ ୟୁନେସ୍କୋ ଏମ୍‌ଜିଆଇଇପି ଓ ଆମେରିକାର ଲାଇଫ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯିବ।

## ନଭେମ୍ବର ୬ରେ ବିଜେଡିରେ ଯୋଗ ଦେବେ ପ୍ରଦୀପ ମାଝୀ

ଭୁବନେଶ୍ୱର, ୨୮।୧୦(ପି.ଏନ): ଆସନ୍ତା ନଭେମ୍ବର ୬ରେ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିବେ ପ୍ରଦୀପ ମାଝୀ । ନବରଙ୍ଗପୁରରେ ଏକ ମିଶ୍ରଣ ପର୍ବରେ ପ୍ରଦୀପ ମାଝୀ ବିଜେଡିରେ ମିଶିବେ। ପୂର୍ବରୁ ବିଜେଡିରେ ମିଶିବା ନେଇ ଘୋଷଣା କରିଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ୨୨ ତାରିଖରେ ପୂର୍ବତନ ସାଂସଦ ତଥା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଦଳରୁ ଇସ୍ତଫା ଦେଇଥିଲେ ।ସେ ନିଜ ଇସ୍ତଫା ପତ୍ର ଏଆଇସିସି ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପଠାଇଥିଲେ ଏବଂ ଦଳରେ କାମ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ନଥିବା ଜଣାଇଥିଲେ । ଏହାର ୨ ଦିନ ପରେ ନବରଙ୍ଗପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିରେ ଯୋଗ ଦେବେ ବୋଲି ପ୍ରଦୀପ ମାଝୀ ସୂଚନା ଦେଇଥିଲେ । ସେ କହିଥିଲେ ବିଜେଡି ରାଜ୍ୟରେ ସ୍ଥିର ସରକାର ଦେବାରେ ସଫଳ ହୋଇଛି। ପ୍ରତି ନିର୍ବାଚନରେ ସଂଖ୍ୟା ବୃଦ୍ଧି କରି ଦେଶରେ ଇତିହାସ ରଚିଛି। ନବରଙ୍ଗପୁର ସମେତ ଅବିଭକ୍ତ କୋରାପୁଟର ବିକାଶ ପାଇଁ ସେମାନେ ବିଜେଡିରେ ମିଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବେ ବୋଲି ପ୍ରଦୀପ କହିଥିଲେ।

## ପାରାଦୀପରେ ପହଂଚିଲେ ଦୁଇ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ପି.ଏନ): କେନ୍ଦ୍ର ଖଣି ଓ କୋଇଲା କ୍ୟାବିନେଟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ପାଟିଲ ଦାନଭେ ପାରାଦୀପରେ ପହଂଚିଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀ ପାରାଦୀପ ବନ୍ଦରର ଆମଦାନି ଓ ରପ୍ତାନି ଯାନ୍ତ୍ରିକ କୋଇଲା ବର୍ଥ ପରିଦର୍ଶନ କରିବା ସହ ଜଳମାର୍ଗରେ ପରିଦର୍ଶନ କରିବେ ବୋଲି ଜଣା ପଡିଛି ।

## କଳିଙ୍ଗ ଟିବି ସର୍ଭାଇଭର ନେଟୱାର୍କର ଆଲୋଚନାଚକ୍ର

ଭୁବନେଶ୍ୱର, ୨୮।୧୦(ପି.ଏନ): ରିଚ୍ ଓ କଳିଙ୍ଗ ଟିବି ସର୍ଭାଇଭର ମାନଙ୍କର ନେଟୱାର୍କର ମିଳିତ ଉଦ୍ୟମରେ ଭୁବନେଶ୍ୱର ସ୍ଥିତ ହୋଟେଲ ଶୀତଲ ରେ ରାଜ୍ୟସ୍ତରୀୟ ଦୁଇ ଦିନିଆ ଆଲୋଚନା ଚକ୍ରର ଆୟୋଜନ କରା ଯାଇଥିଲା ଏହି ଆଲୋଚନା ଚକ୍ରରେ ରାଜ୍ୟର ଚଉଦ ଗୋଟି ଜିଲ୍ଲାରୁ ତିରିଶି ଜଣ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ ଦିଲ୍ଲୀ ରିଚ୍ ଅଫିସ ରୁ ଡକ୍ଟର କରବୀ ମଜମୁଦାର ଉପସ୍ଥିତ ରହି ଜାତୀୟ ଟିବି ନିୟନ୍ତ୍ରଣ କାର୍ଯ୍ୟକ୍ରମ ବିଷୟ ରେ ଆଲୋଚନା କରିବା ସହିତ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶୃତି ଦେଇଥିଲେ ଏହି କାର୍ଯ୍ୟକ୍ରମ ରେ ରୁଦ୍ର ପ୍ରସାଦ ପ୍ରଧାନ ଉପସ୍ଥିତ ରହି ନେତୃତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ କାର୍ଯ୍ୟକ୍ରମ ଟିକୁ ରିଚ୍ ର ଜିଲ୍ଲା ଅଧିକାରୀ ଡାକ୍ତର ରୀତା ସାହୁ ପରିଚାଳନା କରିଥିଲେ ଓ ରିଚ୍



ରାଜ୍ୟ ଅଫିସ ତରଫରୁ ଲକ୍ଷ୍ମୀଧର ସିଂ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜୟ ପ୍ରକାଶ ପ୍ରାମାଣିକ ଓ ସୁଶାନ୍ତ କୁମାର ମିଶ୍ର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥିଲେ।

## ବିଜେଡିର ଏ କି ଦଶା: ଦଳ ଓ ସରକାରରେ ତଳଠୁ ଉପର ସମସ୍ତେ ନିରବ

ଭୁବନେଶ୍ୱର, ୨୮।୧୦(ପି.ଏନ): ଦୀର୍ଘ ୨୪ବର୍ଷର ଇତିହାସରେ ଆଂଚଳିକ ରାଜନୀତିକ ଦଳ ବିଜେଡି କେବେ ଏଭଳି ଅସହାୟ ଅବସ୍ଥାର ସମ୍ମୁଖୀନ ହୋଇନଥିଲା, ଯାହା ଏବେ ହେଉଛି। ମମିତା ମେହେର ହତ୍ୟା ଓ ସେକ୍ସ ସ୍କାଣ୍ଡାଲ ଘଟଣାରେ ବିଜେଡିର ଅସହାୟତା ବାରି ହୋଇ ପଡୁଥିବାବେଳେ ଦଳର ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି। ଆଉ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନିଜେ ବିବାଦୀୟ ମନ୍ତ୍ରୀଙ୍କଠୁ ଆରମ୍ଭ କରି ଆଇନ ମନ୍ତ୍ରୀ ଓ ପୁଲିସ ଡିଜି ବି ଅସମ୍ଭବ ନିରବତା ଅବଲମ୍ବନ କରୁଛନ୍ତି। ଯାହାକି କୋଟିଏ ସଦସ୍ୟଙ୍କ ଦଳ ଓ ଓଡିଶାବାସୀଙ୍କ ବଳ ବୋଲି ଦାବି କରୁଥିବା ବିଜେଡିର ଦୟନୀୟ ସ୍ଥିତିକୁ ପଦାରେ ପକାଇଛି। ଗତ ୨୧ବର୍ଷର ଶାସନରେ ବିଜେଡି ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି, କିନ୍ତୁ ଏବେ ଯେଉଁଭଳି ଦୟନୀୟ ସ୍ଥିତିରେ ରହିଛି ତାହା କେବେ ଦେଖିବାକୁ ମିଳିନଥିଲା। ପୁଳାପୁଳା ପ୍ରମାଣ ଥାଇ ମଧ୍ୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରକୁ ସୁରକ୍ଷା ଦେବାକୁ ବିଜେଡି କୋରଟିମର ଜିଦ୍ ଯୋଗୁ ଦଳ ଏବେ ସାଧାରଣରେ ଅପମାନିତ ହେଉଥିବା ଜଣାପଡିଛି ।ମମିତା ମେହେର ହତ୍ୟା ଓ ସେକ୍ସ ସ୍କାଣ୍ଡାଲ



ମାମଲାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିର ଅଭିଯୋଗ ଆଣି ତାଙ୍କର ବରଖାସ୍ତ ଦାବିରେ ଗତ କିଛି ଦିନ ଧରି ବିରୋଧୀ ଦଳ ରାଜ୍ୟବ୍ୟାପୀ ବିକ୍ଷୋଭ ଓ ପ୍ରତିବାଦ କରିବା ସହ ଦିଲ୍ଲୀ ଦରବାରରେ ଏହାର ପ୍ରତିଧ୍ୱନି ଶୁଭିଲାଣି। ପଂଚାୟତ ନିର୍ବାଚନ ହେଉ ଅବା ଅନ୍ୟ କୌଣସି କାରଣ ପାଇଁ ବିଜେପି ଓ କଂଗ୍ରେସ ଏହି ଆନ୍ଦୋଳନ ଓ ପ୍ରତିବାଦକୁ ଅଧିକ ଶାଣିତ ରୂପ ଦେଉଥିବାବେଳେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେଇ ବିଜେଡି ଦିନକୁ ଦିନ ବ୍ୟାକଫୁଟକୁ ଯିବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯେ, ଏହି ମାମଲାରେ ଏବେ ବିଜେଡିର ନେତାମାନେ ମୁହଁ ଖୋଲିବାକୁ ମଧ୍ୟ ସଙ୍କଚ୍ କରୁଛନ୍ତି ।ଆଉ ସରକାରରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କଠୁ ଆରମ୍ଭ କରି ପୁଲିସ ଡିଜି ପର୍ଯ୍ୟନ୍ତ ସମସ୍ତେ ନିରବ ରହିଥିବାରୁ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ ଆସୁଥିବା ପୁଳାପୁଳା ଅଭିଯୋଗକୁ ଲୋକେ ସତ ବୋଲି ବିବେଚନା କରିବାକୁ ଏକରକମ ବାଧ୍ୟ ହେଲେଣି। ବାୟୁସେନାର ଅଫିସର ଚାକିରିରୁ ଆସି ବିଧାୟକ ହୋଇଥିବା ମନ୍ତ୍ରୀ ଶ୍ରୀ ମିଶ୍ର, ଏତେ ଅଭିଯୋଗ ସତ୍ତ୍ୱେ ବି ନିଜେ ନୈତିକତା ଦୃଷ୍ଟିରୁ ମୁହଁ ନଖୋଲିବା ତାଙ୍କ ଉପରେ ଥିବା ସାଧାରଣ ଲୋକଙ୍କ ସନ୍ଦେହକୁ ଅଧିକ ଦୃ ?ୀଭୂତ କରାଇଛି। ଦିବ୍ୟଶଙ୍କର ଦ୍ୱିତୀୟ ଦଫାରେ ବିଧାୟକ ହୋଇ ଆସିବା ପରେ ତାଙ୍କୁ ଏକକାଳୀନ ୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ(ଶକ୍ତି, ଶିଳ୍ପ, ଏମଏସଏମଇ ଓ ଗୃହ) ଦେଇ ପ୍ରଚ୍ଛଦପଟରେ ରହି ଜଣେ ଯୁବ ବିଧାୟକ ଏସବୁ ବିଭାଗର ସୁପର ମିନିଷ୍ଟର ପାଲଟିଥିବା ତଥା ବ୍ୟବସାୟିକ ସ୍ୱାର୍ଥ ରକ୍ଷା ନିମନ୍ତେ ଏବେ ଦିବ୍ୟଶଙ୍କରଙ୍କୁ ସୁରକ୍ଷା ଦେବା ଏକପ୍ରକାର ବାଧ୍ୟବାଧକତା ହୋଇଯାଇଛି। ଆଉ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଓ ଏହି ଯୁବ ବିଧାୟକଙ୍କ ମଧ୍ୟରେ ରହିଥିବା ଗୋପନ ବୁଝାମଣା ଯୋଗୁ 'ଦିବ୍ୟଶଙ୍କର' ଭଳି ନିଆଁକୁ ବିଜେଡି ଏବେ ଅଣ୍ଟିରେ ପୁରାଇଛି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇପାରୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ମହିଳାଙ୍କ ସପକ୍ଷରେ ଭୋଟ ରାଜନୀତି କରୁଥିବା ଶାସକ ବିଜେଡି ପାଖରେ ମନ୍ତ୍ରୀଙ୍କର ମମିତା ମେହେର ଓ ସେକ୍ସ ମାମଲାରେ ସମ୍ପୃକ୍ତିର ବଳିଷ୍ଠ ପ୍ରମାଣ ରହିଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବପର ହୋଇପାରିନି। ବିରୋଧୀ ନିୟମିତ ଭାବେ ସରକାର ଓ ନବୀନ ପଟ୍ଟନାୟକଙ୍କୁ କଡା ସମାଲୋଚନା କରୁଥିବାବେଳେ ତାଙ୍କ ସପକ୍ଷରେ ଯୁକ୍ତି ବା ?ିବାକୁ ବିଜେଡିର କେହି ଆଗକୁ ନଆସିବା ଦଳର ଦୟନୀୟ ସ୍ଥିତିକୁ ପଦାରେ ପକାଇଛି। ଓଲଟା ବିଧାୟିକା ଲତିକା ପ୍ରଧାନ ଗଣମାଧ୍ୟମରେ ଏହି ପ୍ରସଙ୍ଗରେ ବୟାନ ଦେବାକୁ ତାଙ୍କୁ ଚୁପ୍ ରହିବାକୁ ତାଗିଦ୍ କରାଯାଇଥିବା ଜଣାପଡିଛି ।ମମିତା ମେହେର ହତ୍ୟା ଓ ସେକ୍ସ ମାମଲାରେ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତି ଥାଉ କି ନଥାଉ, କିନ୍ତୁ ତାହା ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିର ପ୍ରଶ୍ନ ହୋଇଥିବାରୁ ତଦନ୍ତରେ କ୍ଲିନଚିଟ୍ ମିଳିବା ପର୍ଯ୍ୟନ୍ତ ଦିବ୍ୟଶଙ୍କରଙ୍କୁ ମନ୍ତ୍ରୀ ପଦରୁ ବିଦା କରିବାରେ ଅସୁବିଧା କେଉଁଠି ତାହା ମଧ୍ୟ ବୁଝାପଡୁନି। ଦିବ୍ୟଶଙ୍କର ବି ଗଣମାଧ୍ୟମ ସମ୍ମୁଖକୁ ଆସି ନିଜ ସପକ୍ଷରେ ପ୍ରତିକ୍ରିୟା ଦେବାକୁ ଉଚିତ୍ ମଣୁନାହାନ୍ତି ।ବରିଷ୍ଠ ନେତା ବିଜୟ ମହାପାତ୍ର ଓ ଏବେ ନରସିଂହ ମିଶ୍ରଙ୍କ ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ, ଦିବ୍ୟଶଙ୍କର ତାଙ୍କ ରାୟପୁରସ୍ଥିତ ବାସଭବନରେ ମମିତା ଓ ହତ୍ୟାକାରୀ ଗୋବିନ୍ଦ ସାହୁ ମଧ୍ୟରେ ବୁଝାମଣା କରାଇବାକୁ ପ୍ରୟାସ କରିଥିଲେ। ବିଜେଡି କିମ୍ବା ସରକାର ପକ୍ଷରୁ ଏହି କଥାକୁ ଖଣ୍ଡନ ବି କରାଯାଉନି। ତା'ଛଡା ମନ୍ତ୍ରୀ ପ୍ରତି ମାସରେ ମହାଲିଙ୍ଗ କଲେଜକୁ ଯିବାର ତଥ୍ୟପ୍ରମାଣ କଲେଜର ଛାତ୍ରଛାତ୍ରୀ ଦେଉଛନ୍ତି । ସ୍ଥାନୀୟ ବିଧାୟକ ଭାବେ ମନ୍ତ୍ରୀ ଶ୍ରୀ ମିଶ୍ର କଲେଜ ଯିବାରେ ଅସୁବିଧା ନାହିଁ, କିନ୍ତୁ ପ୍ରତିମାସରେ ଯିବା ନିଶ୍ଚିତ ଭାବେ ଭ୍ରୂକୁଂଚନ ସୃଷ୍ଟି କରିଛି।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantarav.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**ParyabekhyakOdisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି। କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ। ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍। ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ। ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍। ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍। କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍। ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ। କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍। ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ। ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ। ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

# ଆଜିର ଭାଗ୍ୟ



**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## 'କର୍ଫି'ର ଚିତ୍ରକର ଅମିତା





ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଜନଜାତି ସମାଜର ପୀଡା ଓ ଡ. କାର୍ତ୍ତିକ ଓରାଓଁ





ଡ. କାର୍ତ୍ତିକ ଓରାଓଁ ଭାରତର ଜନଜାତୀୟ ସମାଜର ଅଧିକାରର ଲଢେଇର ଅଗ୍ରଦୂତ ଥିଲେ । ଜନଜାତି ସମାଜରୁ ମତାନ୍ତରିତ ହୋଇ ଯାଇଥିବା ଲୋକମାନଙ୍କୁ ସଂରକ୍ଷଣ ଓ ଅନ୍ୟ ସୁବିଧାର ଲାଭ କିପରି ନ ମିଳିବ ସେ ନେଇ ସେ ଅନେକ ପ୍ରୟାସ କରିଥିଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ମତାନ୍ତରିତ ହୋଇଯାଇଥିବା ଲୋକମାନେ ସେମାନେ ନିଜର ସଂସ୍କୃତି ଓ ପରମ୍ପରାରୁ କଟି ବିଦେଶୀ ସଂସ୍କୃତି ଆପଣାଇ ନେଇଥାନ୍ତି ତେଣୁ ସେମାନଙ୍କୁ ସଂରକ୍ଷଣର ଲାଭ ନ ମିଳିବା ଆବଶ୍ୟକ । ବାସ୍ତବରେ ଦେଖିବାକୁ ଗଲେ ଭାରତର ସମସ୍ତ ଜନଜାତୀୟ ସମାଜର ଏହି ଦାବିକୁ ସେ ବାଣୀ ପ୍ରଦାନ କରିଥିଲେ । ଜନଜାତି ବର୍ଗର ଲୋକମାନଙ୍କର ପୀଡାକୁ ସେ ଅତ୍ୟନ୍ତ ଦୃଢତାର ସହ ବ୍ୟକ୍ତ କରିଥିଲେ ।

ଆଜି ହେଉଛି ତାଙ୍କର ଜୟନ୍ତୀ । ଛୋଟନାଗପୁର ଅଂଚଳରେ ଏକ ଜନଜାତୀୟ ପରିବାରରେ ଜନ୍ମ ଗ୍ରହଣ କରିଥିବା କାର୍ତ୍ତିକ ଓରାଓଁ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ତତ୍କାଳୀନ ବିହାର ଓ ବର୍ତ୍ତମାନର ଝାଡଖଣ୍ଡର ଗୁମଲାରୁ ସେ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେ ଅନେକ ଇଂଜିନିୟରିଂର ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଉଚ୍ଚ ଶିକ୍ଷା ପାଇଁ ଲଣ୍ଡନ ଯାଇଥିଲେ । ସେଠାରୁ ଫେରିବା ପରେ ସେ ନିଜକୁ ରାଜନୀତିରେ ସାମିଲ କରି ଲୋକମାନଙ୍କ ସେବାରେ ଲାଗି ଯାଇଥିଲେ । ସେ ସାଂସଦ ଓ ଭାରତ ସରକାରରେ ମନ୍ତ୍ରୀ ଭାବେ କାମ କରିଥିଲେ ।

ଲୋକପ୍ରତିନିଧି ଭାବେ କାମ କରୁଥିବା ସମୟରେ ସେ ଦେଶର ଜନଜାତୀୟ ସମାଜର ସମସ୍ୟାଗୁଡ଼ିକୁ ଅତ୍ୟନ୍ତ ନିକଟରୁ ଦେଖିଥିଲେ । ଚର୍ଚ୍ଚ ଓ ମିଶନାରୀ ସଂସ୍ଥା ମାନଙ୍କ ଦ୍ୱାରା ସରଳ ଜନଜାତୀୟ ଲୋକମାନଙ୍କୁ ମତାନ୍ତରଣ ତାଙ୍କୁ ଖୁବ କଷ୍ଟ ଦେଉଥିଲା । ଜନଜାତୀୟ ସମାଜର ମତାନ୍ତରିତ ହୋଇଯାଇଥିବା ଲୋକମାନେ କିପରି ସଂରକ୍ଷଣ ବ୍ୟବସ୍ଥାର ଲାଭ ନେଉଛନ୍ତି ଓ ମୂଳ ଜନଜାତୀୟ ଲୋକମାନେ ଏହା ଦ୍ୱାରା କିପରି ସେମାନଙ୍କ ଅଧିକାରରୁ ବଂଚିତ ହେଉଛନ୍ତି ତାକୁ ମଧ୍ୟ ନିକଟରୁ ଦେଖିଥିଲେ ।

ସମ୍ବିଧାନରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉଭୟ ବର୍ଗର ଲୋକ ମାନଙ୍କ ପାଇଁ ସଂରକ୍ଷଣ ଓ ଅନ୍ୟ ସୁବିଧାର ବ୍ୟବସ୍ଥା କରା ଯାଇଛି । ଅନୁସୂଚିତ ଜାତିର ଲୋକ ମାନଙ୍କ ସହ ସାମାଜିକ ଭେଦଭାବର ଶିକାର ହୋଇଥିବା କାରଣରୁ ତାଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରା ଯାଇଥାଏ । ସେହିପରି ଅନୁସୂଚିତ ଜନଜାତି ବର୍ଗର ଲୋକମାନଙ୍କର ବିଶେଷ ରୀତି ନୀତି, ସଂସ୍କୃତି, ପରମ୍ପରାକୁ ବଂଚାଇ ରଖି ତାଙ୍କର ବିକାଶ କରିବା ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି ।

ଯଦି ଅନୁସୂଚିତ ଜାତିବର୍ଗର କେହି ବ୍ୟକ୍ତି ମତାନ୍ତରିତ ହୋଇଯାଏ ତେବେ ତାକୁ ସଂରକ୍ଷଣର ଲାଭ ମିଳେନାହିଁ । ଏହାର ବ୍ୟବସ୍ଥା ସମ୍ବିଧାନରେ ହିଁ ରହିଛି । ହେଲେ ଅନୁସୂଚିତ ଜନଜାତିମାନଙ୍କ କ୍ଷେତ୍ରରେ ଏପରି ହୁଏ ନାହିଁ । ଏହି ବର୍ଗର କୌଣସି ଲୋକ ମତାନ୍ତରିତ ହେଲେ ସୁଦ୍ଧା ତାକୁ ସଂରକ୍ଷଣର ଲାଭ ମିଳିଥାଏ । ବାସ୍ତବରେ ଏହାକୁ ସମ୍ବିଧାନର ବିସଂଗତି ବୋଲି କୁହାଯାଇପାରିବ ।

ଜନଜାତୀୟ ସମାଜରେ ତାଙ୍କର ରୀତି ନୀତି, ସାମାଜିକ ବ୍ୟବସ୍ଥା, ପାରମ୍ପରିକ ଉତ୍ସବ ସେମାନଙ୍କ ଆରାଧ୍ୟ ଦେବୀ-ଦେବତା ଦେବସ୍ଥାନ ପ୍ରତି ଆସ୍ଥା ଓ ବିଶ୍ୱାସ ଉପରେ ଆଧାରିତ ରହିଥାଏ । କିନ୍ତୁ ଜନଜାତି ସମାଜର କୌଣସି ବ୍ୟକ୍ତି ଯଦି ମତାନ୍ତରିତ ହୋଇ ଖ୍ରୀଷ୍ଟିଆନିଟି ବା ଇସଲାମକୁ ଚାଲିଯାଏ ତେବେ ସ୍ୱାଭାବିକ କଥା ଯେ ତା'ର ଆସ୍ଥା ସେହି ଦେବୀ-ଦେବତା ଓ ଦେବସ୍ଥାନ ଉପରୁ ଶେଷ ହୋଇଯାଏ । ଏହାସତ୍ତ୍ୱେ ତାକୁ ସଂରକ୍ଷଣର ଲାଭ ମିଳିବା ଜାରି ରହିଥାଏ ।

ଜନଜାତି ଲୋକମାନଙ୍କୁ ସୁବିଧା ଓ ଅଧିକାର ନିଜର ସଂସ୍କୃତି, ଆସ୍ଥା, ପରମ୍ପରା ଆଦିର ସୁରକ୍ଷା କରିଥାରେ ବିକାଶ କରି ସେମାନଙ୍କର ସଶକ୍ତିକରଣ କରିବା ପାଇଁ ସଂରକ୍ଷଣ ସୁବିଧା ଉଦ୍ଦିଷ୍ଟ ଥିଲା । ହେଲେ ଏହି ସୁବିଧାର ଲାଭ ଏବେ ଜନଜାତୀୟ ଲୋକଙ୍କ ପରିବର୍ତ୍ତେ ମତାନ୍ତରିତ ହୋଇ ନିଜ ସଂସ୍କୃତିରୁ କଟି ଯାଇଥିବା ଲୋକମାନେ ଉଠାଉଛନ୍ତି ।

ମତାନ୍ତରିତ ଲୋକ ଯେଉଁମାନେ ନିଜ ସଂସ୍କୃତି ଓ ପରମ୍ପରାକୁ ଛାଡି ଖ୍ରିଷ୍ଟିଆନିଟି ଓ ଇସଲାମ ଆପଣାଇ ସାରିଛନ୍ତି ସେମାନେ ଏହି ସଂରକ୍ଷଣର ସିଂହଭାଗକୁ ଉପଭୋଗ କରୁଛନ୍ତି। ସେମାନେ ମୂଳ ଜନଜାତି ବର୍ଗ ଲୋକମାନଙ୍କର ଅଧିକାରକୁ ଛଡାଇ ନେଉଛନ୍ତି । ଡ. କାର୍ତ୍ତିକ ଓରାଓଁ ଏହି କଥାକୁ ଖୁବ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ତାଙ୍କୁ ଏହି ଅନ୍ୟାୟ ବ୍ୟଥିତ କରିଥିଲା । ତାଙ୍କର ଏହି ଦୁଃଖ ଓ ପୀଡା କେବଳ ତାଙ୍କର ନ ଥିଲା ବରଂ ଭାରତର ସମ୍ପୂର୍ଣ୍ଣ ଜନଜାତି ସମାଜର ଥିଲା । ସାରା ଦେଶର ଜନଜାତୀୟ ସମାଜ ସହନ କରୁଥିବା ଏହି ଅନ୍ୟାୟକୁ ସେ ବିରୋଧ କରିଥିଲେ ।

ସମ୍ବିଧାନର ଏହି ଭୟଙ୍କର ବିସଙ୍ଗତି ସମ୍ପର୍କରେ ଡ. ଓରାଓଁ ଦେଶରେ ଏକ ବଡ ବିତର୍କ ଠିଆ କରାଇଥିଲେ । ୧୯୬୭ ମସିହାରେ ସେ ୨୩୫ ଜଣ ସାଂସଦଙ୍କ ସ୍ୱାକ୍ଷର ବିଶିଷ୍ଟ ଏକ ସ୍ମାରକପତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ । ଏଥିରେ କୁହାଯାଇଥିଲା ଯେ ଜନଜାତି ବର୍ଗର ଯେଉଁ ଲୋକମାନେ ମତାନ୍ତରିତ ହୋଇଯାଇଛନ୍ତି ସେମାନଙ୍କୁ ଏହି ତାଲିକାରୁ ବାହାର କରାଯାଉ । ସେମାନଙ୍କୁ ସଂରକ୍ଷଣର ସୁବିଧା ନ ମିଳୁ । ଏ ନେଇ ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରାଯାଉ, ଯାହାଫଳରେ ମୂଳ ଜନଜାତି ବର୍ଗର ଲୋକମାନଙ୍କ ଅଧିକାରକୁ କେହି ଛଡାଇ ନେଇପାରିବେ ନାହିଁ । ସେହିପରି ୧୯୭୦ ମସିହାରେ ପୁଣି ଥରେ ସେ ୩୪୮ ଜଣ ସାଂସଦଙ୍କ ହସ୍ତାକ୍ଷର ବିଶିଷ୍ଟ ଆଉ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଏଥିରେ ମଧ୍ୟ ସେ ଏହି ଅନ୍ୟାୟକୁ ରୋକିବା ପାଇଁ ଆବଶ୍ୟକୀୟ ସଂଶୋଧନ ସମ୍ବିଧାନରେ କରିବାକୁ ଦାବି କରିଥିଲେ ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଜନଜାତୀୟ ସମାଜର ଏହି ଦାବି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ସେତେବେଳେ ହୋଇ ନ ଥିଲା । ଆଜି ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଆଜି ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ । ଆଜି ମଧ୍ୟ ଏହି ଅନ୍ୟାୟ ଜାରି ରହିଛି । ଡ. ଓରାଓଁ ଆଜି ନାହାନ୍ତି, ହେଲେ ତାଙ୍କର ଏହି ପୀଡା ଯାହା ସମ୍ପୂର୍ଣ୍ଣ ଜନଜାତି ସମାଜର ପୀଡା ସେହିପରି ରହିଛି ଯେପରି ସେତେବେଳେ ଥିଲା । ଏହା ଠାରୁ ଅଧିକ ଦୁର୍ଭାଗ୍ୟ ଆଉ କ'ଣ ବା ହୋଇପାରେ!

**(ସୌଜନ୍ୟ: ଡ. ସମନ୍ୱୟ ନନ୍ଦ)**

# ଗଡକାଳିକାଙ୍କ ଶକ୍ତିପୀଠ, ଉଜ୍ଜୟିନୀ







ନବରାତ୍ର ଅର୍ଥାତ ଶକ୍ତିଙ୍କ ଉପାସନାର ପର୍ବ। ନବରାତ୍ର ବର୍ଷରେ ଦୁଇଥର ଆସିଥାଏ, ଚୈତ୍ର ନବରାତ୍ର ଓ ଶାରଦୀୟ ନବରାତ୍ର। ଏହି ନଅ ଦିନରେ ମାତାଙ୍କ ନଅ ରୂପର ଉପାସନା କରାଯାଏ। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଯେଉଁ ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କ ଶରୀରର ବିଭିନ୍ନ ଅଙ୍ଗ ପଡ଼ିଥିଲା, ସେହିସବୁ ସ୍ଥାନ ମାନଙ୍କରେ ଶକ୍ତିପୀଠ ସ୍ଥାପନା ହେଲା। ଏହି ଶକ୍ତିପୀଠ ଗୁଡ଼ିକ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ରହିଛି। ସେହି ଶକ୍ତିପୀଠ ଗୁଡ଼ିକ ମଧ୍ୟରେ ଉଜ୍ଜୟିନୀ ଠାରେ ଗଡକାଳିକା ଧାମ ଅନ୍ୟତମ। ଏହି ସ୍ଥାନରେ ମହାକବି ଓ ନାଟ୍ୟକାର କାଳିଦାସଙ୍କୁ ଜ୍ଞାନ ପ୍ରାପ୍ତ ହୋଇଥିଲା।

ମଧ୍ୟପ୍ରଦେଶର ଐତିହାସିକ ନଗରୀ ଉଜ୍ଜୟିନୀ ଏହାର ପରିଚୟ ଅଟେ। ଏଠାରେ ଅବସ୍ଥିତ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଗୋଟିଏ ମହାକାଳ ଜ୍ୟୋତିର୍ଲିଙ୍ଗ ରହିଛି। ବିକ୍ରମାଦିତ୍ୟଙ୍କ ଏହି ନଗରୀ ସ୍ୱଂୟ ଆଉ ଏକ ଇତିହାସକୁ ଆଢୁଆଳରେ ରଖିଛି। ସେହି ଇତିହାସ ହେଲା, ମା' ଶକ୍ତି



ଏଠାରେ ଗଡକାଳିକା ରୂପରେ ବିରାଜମାନ ଅଛନ୍ତି। ସଂସ୍କୃତର ମହାନ କବି କାଳୀଦାସଙ୍କୁ ମା'ଗଡକାଳିକାଙ୍କ ଆଶିର୍ବାଦ ଯୋଗୁ ହିଁ ଜ୍ଞାନ ପ୍ରାପ୍ତି ହୋଇଥିଲା ବୋଲି କୁହାଯାଏ। ଆହୁରି ମଧ୍ୟ କୁହାଯାଏ ଯେ, ଜୀବନ ଆରମ୍ଭରେ କାଳୀଦାସ ଅପାଠୁଆ ଓ ମୁର୍ଖ ଥିଲେ। କାଳୀଦାସ ଥରେ ଗୋଟିଏ ଗଛର ଯେଉଁ ଡ଼ାଳରେ ବସିଥିଲେ, ସେହି ଡ଼ାଳକୁ କାଟୁଥିଲେ ! ଏହି ଘଟଣାରେ ତାଙ୍କର ସ୍ତ୍ରୀ ବିଦ୍ୟୋତମା ତାଙ୍କୁ ବହୁ ଅପମାନ ଜନକ ଗାଳି ଗୁଲଜ କଲେ। ଫଳସ୍ୱରୂପ ତପସ୍ୟାରେ ମଗ୍ନ ରହି ମହାମୁର୍ଖ କୁହାଯାଉଥିବା କାଳୀଦାସ ଗଡକାଳୀକାଙ୍କ କୃପା ଲାଭ କରି ମହାକବି କାଳୀଦାସରେ ପରିଣତ ହୋଇଗଲେ।

ଉଜ୍ଜୟିନୀ ସ୍ଥିତ ଗଡକାଳିକା ଦେବୀ ମନ୍ଦିର ଆଜିର ଉଜ୍ଜୟିନୀ ନଗରରେ ପ୍ରଚୀନ ଅବନ୍ତିକା ନଗରୀ କ୍ଷେତ୍ରରେ ଥିଲା। କାଳଜୟୀ କବି କାଳୀଦାସ ଗଡକାଳିକା ଦେବୀଙ୍କ ଉପାସକ ଥିଲେ। ସମ୍ରାଟ ହର୍ଷ ବର୍ଦ୍ଧନ ଏହି ପ୍ରାଚୀନ ମନ୍ଦିରର ନବୀକରଣ କାର୍ଯ୍ୟ କରାଇଥିବା ଉଲ୍ଲେଖ ରହିଛି। ଗଡକାଳିକା ଦେବୀଙ୍କ ମନ୍ଦିରରେ ମା'କାଳିକାଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଜମେ। ତାନ୍ତ୍ରିକମାନଙ୍କ ଦେବୀ କାଳିକାଙ୍କ ଏହି ଚମତ୍କାରୀ ମନ୍ଦିରର ପ୍ରଚୀନତା ବିଷୟରେ କେହି ଜାଣନ୍ତି ନାହିଁ। ତଥାପି ଏହାର ସ୍ଥାପନା ମହାଭାରତ କାଳରେ ହୋଇଥିବା କୁହାଯାଏ। କିନ୍ତୁ ମୂର୍ତି ଗୁଡ଼ିକ ସତ୍ୟଯୁଗର। ମାତ୍ର ଏହି ପ୍ରାଚୀନ ମନ୍ଦିରର ନବୀକରଣ ସମ୍ରାଟ ହର୍ଷ ବର୍ଦ୍ଧନ କରିଥିବା ଉଲ୍ଲେଖ ରହିଛି। ତେବେ ଏହାର ବହୁ ପରେ ଗୋଆଲିୟର ମହାରାଜା ଏହାର ପୁନର୍ନିର୍ମାଣ କରିଥିଲେ।




ଗଡକାଳିକା ମନ୍ଦିରରେ ମା'କାଳିକାଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ଼ ଜମେ। ମା'ଗଡ କାଳିକାଙ୍କ ପ୍ରତି ଭକ୍ତମାନଙ୍କର ଅସୀମ ଶ୍ରଦ୍ଧା ଓ ଭକ୍ତି ସମସ୍ତଙ୍କୁ ବିସ୍ମିତ କରିଥାଏ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ନିଜ ହାତରେ ଧରି ସାରା ବ୍ରହ୍ମାଣ୍ଡରେ ବୁଲି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ଉଜ୍ଜୟିନୀର ଶିପ୍ରା ନଦୀ କୂଳ ପାଖରେ ଅବସ୍ଥିତ ଭୈରବ ପର୍ବତ ଉପରେ ମା' ଭଗବତୀ ସତୀଙ୍କ ଓଠ ପଡ଼ିଥିଲା। ଏଥିଯୋଗୁ ଏଠାରେ ମା' ଗଡକାଳିକାଙ୍କ ଶକ୍ତିପୀଠର ସ୍ଥାପନା ହେଲା। ନବରାତ୍ରିରେ ଏଠାରେ ମେଳା ଲାଗୁଥିବାବେଳେ ବିଭିନ୍ନ ଉତ୍ସବ ଓ ଯଜ୍ଞର ଆୟୋଜନ ଲାଗି ରହିଥାଏ। ମା' କାଳିକାଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସନ୍ତି। ଏଠାରେ ନବରାତ୍ରୀ ପର୍ବରେ ଭକ୍ତମାନଙ୍କର ଅସମ୍ଭବ ଭିଡ଼ ଲାଗିରହେ। ଅଧିକାଂଶ ଭକ୍ତ ଉପବାସ କରି ମା'ଙ୍କ ଆରାଧନା କରନ୍ତି। ନବରାତ୍ରିରେ



ମହାକବି କାଳିଦାସଙ୍କ ଦ୍ୱାରା ରଚିତ "ଶ୍ୟାମଳା ଦଣ୍ଡକ"ମହାକାଳୀ ସ୍ତୋତ୍ର ଏକ ସୁନ୍ଦର ଓ ବଳିଷ୍ଠ ରଚନା ଅଟେ। କୁହାଯାଏ ଯେ, ମହାକବିଙ୍କ ମୁହଁରୁ ସବ୍ରପ୍ରଥମେ ଏହି ସ୍ତୋତ୍ର ପ୍ରକଟ ହୋଇଥିଲା। ଏପରିକି ଉଜ୍ଜୟିନରେ ଆନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା କାଳିଦାସ ସମାରୋହର ଆୟୋଜନ ପୂର୍ବରୁ ମା'କାଳିକାଙ୍କ ଆରାଧନା କରାଯାଇଥାଏ।

ମା'ଙ୍କ ୫୧ ଶକ୍ତିପୀଠ ମଧ୍ୟରେ ଗୋଟିଏ ଉଜ୍ଜୟିନୀର ଗଡକାଳିକା ଶକ୍ତିପୀଠ ରହିଛି, ଯାହା ସାରା ଭାରତ ଉପମହାଦେଶରେ ପ୍ରସିଦ୍ଧ। ଏଥିସହିତ ଏହି ଶକ୍ତିପୀଠ ମଧ୍ୟ ତନ୍ତ୍ରବିଦ୍ୟା ଲାଭ ପାଇଁ ଗୁରୁତ୍ୱ ବହନ କରିଥାଏ। ବହୁ ଦୂର ଦୂରାନ୍ତରୁ ତାନ୍ତ୍ରିକ ମାନେ ତନ୍ତ୍ର ସିଦ୍ଧି ହାସଲ ଏହି ଶକ୍ତିପୀଠକୁ ପାଇଁ ଆସିଥାନ୍ତି। ଅନ୍ୟପକ୍ଷରେ ଏହି ଶକ୍ତିପୀଠକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମହାକବି କାଳିଦାସଙ୍କ ଅନୁରୂପ ଜ୍ଞାନ ପ୍ରାପ୍ତି ପାଇଁ ମା'ଭଡକାଳିକାଙ୍କ ପାଖରେ ମନୋକାମନା କରନ୍ତି ଓ ନିଜକୁ ଧନ୍ୟ ମନେ କରନ୍ତି। ଏପରିକି ଏହି ସ୍ଥାନକୁ ଆସିବା ପରେ ଭକ୍ତ ମାନଙ୍କର ସବୁ କଷ୍ଟ ଦୂର ହୋଇ ଯାଉଥିବା ବିଶ୍ୱାସ ରହିଛି।

**ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୪୩୭୪୪୧୦୭୨/୯୩୩୭୩୬୯୪୪୮**

## ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ରାଜଧାନୀରେ ୪ ବାମପନ୍ଥୀ ଦଳର ବିକ୍ଷୋଭ




ଭୁବନେଶ୍ୱର (ପିଏନ୍)–ଶିକ୍ଷୟିତ୍ରୀ ମମିତା ମେହେରଙ୍କ ବୀଭତ୍ସ ହତ୍ୟା ଓ ଯୌନ କେଳେଙ୍କାରୀ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ଗଠନ କରିବା, ନିରପେକ୍ଷ ତଦନ୍ତ ସକାଶେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା, ଦୋଷୀମାନଙ୍କୁ କଠୋର ଦଣ୍ଡଦେବା, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତି ପୂରଣ ଓ ଜଣଙ୍କୁ ସରକାରୀ ଚାକିରି ଦାବିରେ ୪ଟି ବାମପନ୍ଥୀ ଦଳ ସିପିଆଇ, ସିପିଆଇ (ଏମ), ସିପିଆଇ(ଏମ.ଏଲ.) ଲିବରେସନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ୪ ଦଳର ଶତାଧିକ ନେତା ଓ କର୍ମୀ ମାଷ୍ଟରକ୍ୟାଣ୍ଟିନଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିକ୍ଷୋଭକାରୀମାନଙ୍କୁ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ଅଭୟ ସାହୁ ଓ ଜୋନ ସମ୍ପାଦକ ସୁର ଜେନା, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଓ ଜଗନ୍ନାଥ ମିଶ୍ର, ସିପିଆଇ(ଏମ.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଧାକାନ୍ତ ସେଠୀ ଓ ମହେନ୍ଦ୍ର ପରିଡ଼ା ଏବଂ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉଦ୍‌ବୋଧନ ଦେଇ କହିଲେ– ହତ୍ୟାକାଣ୍ଡର ମୁଖ୍ୟ ଅପରାଧୀ ସହିତ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଅନ୍ତରଙ୍ଗତା, ତାଙ୍କ ମାଲିକାନାଧୀନ କଲେଜ ଓ ସ୍କୁଲ ପ୍ରତି ଅହେତୁକ ଅନୁଦାନ ଏବଂ ମୃତକଙ୍କ ପରିବାର ବର୍ଗଙ୍କ ଉପରେ ପୋଲିସ୍‌ର ଚାପ ପ୍ରଭୃତି ଅଭିଯୋଗ ଦୃଷ୍ଟିରୁ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ପଦରେ ରହିଲେ ତଦନ୍ତ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା ପାଇଁ ୪ ଦଳର ନେତାମାନେ ଦାବି କରିବା ସହିତ ବହିଷ୍କାର କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସତର୍କ କରାଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ରେଡ଼ି, ଅଭିରାମ ବେହେରା, ପ୍ରଦୀପ ନାୟକ, ପ୍ରଭାତ ପାଣିଗ୍ରାହୀ, ଶରତ ବେହେରା ଓ କୈଳାସ ପୁହାଣ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଭଗବତୀ ଥିଲେ ଓଡିଆ ସାହିତ୍ୟରେ ଯୁଗସ୍ରଷ୍ଟା




କେନ୍ଦ୍ରାପଡ଼ା (ପିଏନ୍): ଭଗବତୀ ପାଣିଗ୍ରାହୀ ଥିଲେ ଓଡିଆ ସାହିତ୍ୟରେ ବୈପ୍ଲବିକ ଚେତନାର ବାର୍ତ୍ତାବହ। ତାଙ୍କର କାଳଜୟୀ ରଚନାଗୁଡିକ ଶ୍ରେଣୀ ସଂଘର୍ଷ ଓ ତା'ର ପରିଣତି ପର୍ଯ୍ୟବେଶିତ ଥିଲା। ମାତ୍ର ୩୫ ବର୍ଷର ସଂକ୍ଷିପ୍ତ ଜୀବନ କାଳ ମଧ୍ୟରେ ନିଜର ଶାଣିତ ଲେଖନୀ ପାଇଁ ସେ ସାହିତ୍ୟ ଜଗତରେ ଏକ ନୂତନ ଧାରା ସୃଷ୍ଟି କରି ଯୁଗ ପ୍ରବର୍ତ୍ତକର ମର୍ଯ୍ୟାଦା ଲାଭ କରିପାରିଛନ୍ତି ବୋଲି ବିପ୍ଲବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୮ତମ ସ୍ମରଣ ଦିବସ ଉପଲକ୍ଷେ ଆୟୋଜିତ "ଓଡିଆ ସାହିତ୍ୟକୁ ଭଗବତୀଙ୍କ ଅବଦାନ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ପବ୍ଲିକ ରିଡିଂ ରୁମ୍ ପରିସରରେ ସଂଗଠନର ସଭାପତି ଗାଳ୍ପିକା ଅବନ୍ତୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଡଃ. ବାସୁଦେବ ଦାସ, ପ୍ରାଧ୍ୟାପକ ଅଜୟ ସାମଲ, କିଶୋର ନ୍ୟାୟ ପରିଷଦ ସଭ୍ୟ ରବୀନ୍ଦ୍ର ପ୍ରସାଦ ଜେନା, ଅମର ପ୍ରସାଦ ରାଉତ, ରମଣୀରଞ୍ଜନ ରାଉତରାୟ, ରଣଧୀର ଜେନା, ନିରଞ୍ଜନ ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଆଦିକନ୍ଦ ରାଉଳ ପ୍ରାକ୍ ସୂଚନା ଦେଇ ଭଗବତୀଙ୍କ ସାହିତ୍ୟିକ ଜୀବନର ପୃଷ୍ଠଭୂମି ଓ ସାଂଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିବାବେଳେ ଶୈଳବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବି ଶୈଳଜା ଶଙ୍କର ସାମଲ, ଅଶୋକ ସାହୁ ଓ ନିରୂପମା ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ସ୍ୱପ୍ନାଂଶୁ ଦାସ, ନୃସିଂହ ତ୍ରିପାଠୀ, ଶରତ କୁମାର ରାଉତ, ଅଧର ଚନ୍ଦ୍ର ଜେନା, ସୁବାସ ଚନ୍ଦ୍ର ପାତ୍ର, ଅବଧୂତ ରାଉତ, ଗୀତାଞ୍ଜଳି ନାୟକ ଚିତ୍ତରଞ୍ଜନ ମହାନ୍ତି, ଧରଣୀଧର ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

## ମମିତା ମେହେର ହତ୍ୟାକାଣ୍ଡ ପ୍ରତିବାଦରେ ୨ଟି ବାମପନ୍ଥୀ ଦଳ ପକ୍ଷରୁ କେନ୍ଦ୍ରାପଡାରେ ବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): ମମିତା ମେହେର ହତ୍ୟାକାଣ୍ଡ ପ୍ରତିବାଦରେ କେନ୍ଦ୍ରାପଡାରେ ୨ଟି ବାମପନ୍ଥୀ ଦଳ ସିପିଆଇ ଓ ସିପିଆଇ(ଏମ) ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଶନିବାର ବିକ୍ଷୋଭ ସଂଗଠିତ ହୋଇଯାଇଛି । ମମିତା ମେହେର ହତ୍ୟାକାଣ୍ଡ ତଦନ୍ତର ନିରପେକ୍ଷତା ପାଇଁ ଓଡିଶାର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସ.ଆଇ.ଟି.) ଦ୍ୱାରା ମମିତା ମେହେର ହତ୍ୟାକାଣ୍ଡର ତଦନ୍ତ କରାଯିବା, ଦିବ୍ୟଶଙ୍କର ମିଶ୍ରଙ୍କୁ ଏସ.ଆଇ. ଟି. ତଦନ୍ତ ପରିସରଭୁକ୍ତ କରିବା, ଅପରାଧୀମାନଙ୍କୁ ଆଇନ ଅନୁଯାଇ ଦୃଷ୍ଟାନ୍ତ ମୂଳକ ଶାସ୍ତି ଦେବା, ମମିତାଙ୍କ ପରିବାରକୁ ଏକ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ବାମପନ୍ଥୀଦଳ ମାନେ ଦୃଢ ଦାବି କରିଛନ୍ତି । ଏହି ଆନ୍ଦୋଳନରେ ସିପିଆଇ(ଏମ)ର ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ) ପକ୍ଷରୁ ଜଗତଜୀବନ ଦାଶ, ଉମେଶ ଚନ୍ଦ୍ର ସିଂହ, ମାଧବ ଦାସ, ରନ୍‌ଜୟ ମଲିକ, ବିନୟ ଭୂଷଣ ମଲିକ ଓ ସିପିଆଇ ପକ୍ଷରୁ ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ନିରଞ୍ଜନ ଦାସ, ନନ୍ଦିନୀ ସ୍ୱାଇଁ ପ୍ରମୁଖ ବହୁ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ । ଆନ୍ଦୋଳନ ସ୍ଥଳକୁ ଆସି ଉପଜିଲ୍ଲାପାଳ ନିରଞ୍ଜନ ବେହେରା ରାଜ୍ୟପାଳଙ୍କ ଉଦେଶ୍ୟରେ ଉଦ୍ଦିଷ୍ଟ ଦାବିପତ୍ରକୁ ଗ୍ରହଣ କରିଥିଲେ । ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବାମପନ୍ଥୀ ଦଳମାନେ ଉପସ୍ଥାପିତ କରିଥିବା ସମସ୍ତ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଛି ।

## ଅଜଣା ଗାଡି ଧକ୍କାରେ ମହିଳା ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥର ଗାନ୍ଧିଛକ ନିକଟରେ ଗତ ୨୩ ତାରିଖ ଅପରାହ୍ଣ ପ୍ରାୟ ୨ଟା ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା (୫୫) ଗୁରୁତର ଆହତ ହୋଇଛନ୍ତି । ଅଚେତ ଥିବାରୁ ଆହତ ମହିଳାଙ୍କ ପରିଚୟ ଜଣାପଡିପାରି ନ ଥିଲା । ପ୍ରକାଶ ଯେ, ଚଣ୍ଡିଖୋଲ ନିକଟ ଗାନ୍ଧିଛକ ନିକଟରେ ଉକ୍ତ ମହିଳା ଠିଆ ହୋଇଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଚମ୍ପଟ ମାରିଥିଲା । ଏଥିରେ ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ବେଳେ ପାଟିରୁ ରକ୍ତସ୍ରାବ ହେଉଥିଲା । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ମହିଳାଙ୍କୁ ନେଇ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି ।

## ସମାଜସେବୀ ଦାମୋଦର ସାମଲଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଭରତପୁର (ହରିଡାଦଣ୍ଡା) ଗ୍ରାମର ସମାଜସେବୀ ଦାମୋଦର ସାମଲଙ୍କ ୮୧ବର୍ଷ ବୟସରେ ଲିଭର ଜଣ୍ଡିସ ରୋଗରେ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ଆମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସରପଞ୍ଚ ଜୀନତପ୍ରିୟଦର୍ଶିନୀ ରାଉତ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ, ରାଜକିଶୋର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ଅସହାୟଙ୍କୁ ସହାୟତା ଯୋଗାଇଦେବ ମହାଦେବ ସେନା



କେନ୍ଦ୍ରାପଡ଼ା (ପିଏନ୍): ସମାଜର ଦୁସ୍ଥ, ଗରିବ ଓ ରୋଗରେ ପିଡିତ ଅସହାୟମାନଙ୍କୁ ମହାଦେବ ସେନା ଆର୍ଥିକ ସହାୟତା ଯୋଗାଇଦେବ ବୋଲି ଦୁହୁରିଆ ସ୍ଥିତ ଯଜ୍ଞେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସେନାର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଉପଲକ୍ଷେ ଉପଦେଷ୍ଟା ପ୍ରଦୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଅଲେଖ ନାୟକ ମହାଦେବ ସେନା ଜିଲ୍ଲା ସଭାପତି ଅନନ୍ତ ନାୟକ, ଧନେଶ୍ୱର ଦାସ, ଶରତ ସାହୁ, ବନମାଳି ଦାସ, ସରୋଜ ପଲାଇ, କିଶୋର କୁମାର ଲେଙ୍କା, ବ୍ଲକ ସଭାପତି ବଳରାମ ବେହେରା, ଅଞ୍ଜନ ପଲାଇ, ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ସମସ୍ତ ଶୈବପୀଠ ଆଲୋକିକରଣ ଓ ସ୍ୱଚ୍ଛ କରିବାକୁ ନିଷ୍ପତ୍ତି ନିଆଯାଇଛି।




# କାବେରୀ ଶଙ୍କର ଧାନ ବିକ୍ରେତାଙ୍କ ବନ୍ଧୁ ମିଳନ



ଝୁମ୍ପୁରା,(ପି.ଏନ): ଝୁମ୍ପୁରା ବ୍ଲକ ଅର୍ନ୍ତଗତ ବାଲିବନ୍ଧ ପଚଂାୟତର ରଜାବସା ଠାରେ କାବେରୀ ଶଙ୍କର ଧାନ ବିକ୍ରେତାମାନଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିକ୍ରେତାମାନଙ୍କୁ କାବେରୀ ଶଙ୍କର ଧାନ କମ୍ପାନୀ ପକ୍ଷରୁ ପୁଷ୍ପ ଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ଚଳିତ ବର୍ଷ ଝୁମ୍ପୁରା ବ୍ଲକର ଚାଷୀଭାଇ,ଭଉଣୀ ମାନଙ୍କୁ ବିକ୍ରେତାମାନଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା କାବେରୀ ଶଙ୍କର ଧାନ କିପରି ଭାବେ ଅମଳକ୍ଷମ ହୋଇଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହା ବ୍ୟତିତ ବ୍ଲକର ବିଭିନ୍ନ ସ୍ଥାନରେ ହୋଇଥିବା କାବେରୀ ଶଙ୍କର ଧାନର କ୍ଷେତ୍ର ପରିଦର୍ଶନ କରିବା ସହିତ ଏହି ଧାନ କୁ କେଉଁ ପ୍ରଣାଳୀରେ ଚାଷ କେଲେ ଅଧିକ ଅମଳ ହୋଇ ପାରିବ ସେ ସମ୍ପର୍କରେ ଚାଷୀ ଭାଇ,ଭଉଣୀମାନଙ୍କୁ ବିକ୍ରେତାମାନେ ପରାମର୍ଶ ଦେଇଥିଲେ । ଅନ୍ୟ ଶଙ୍କର ଧାନ ତୁଳନାରେ କାବେରୀ ଶଙ୍କର ଧାନରେ ଅଧିକ ଶସ୍ୟ ରହିବା ସହିତ ଧାନର ଓଜନ ପରିମାଣ କିପରି ରହିଛି ଓ ଚାଷୀମାନେ ଏହି ଧାନକୁ ତଳି ଦେବା ଦିନ ଠାରୁ କେତେ ଦିନରେ ରୋପଣ କଲେ ଅଧିକ ଲାଭବାନ ହୋଇ ପାରିବେ ଏବଂ ତା ସହିତ ଧାନ ଗଛରେ କେଉଁ ସମୟରେ କି ପ୍ରକାରର ରାସାୟନ ସାର କେତେ ଦିନ ବ୍ୟବଧାନରେ ପ୍ରୟୋଗ କରାଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ କାବେରୀ ଶଙ୍କର ଧାନ ବିହନ ଯେତିକି ପରିମାଣରେ ବିକ୍ରି ହୋଇଛି , ଖରିଫ ଋତୁରେ ତାର ଦୁଇ ଗୁଣା ଧାନ ବିହନ କିଭଳି ବିକ୍ରି କରାଯିବ ସେ ସମ୍ପର୍କରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା କମ୍ପାନୀର ଅଧିକାରୀମାନେ ବିକ୍ରେତାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବନ୍ଧୁ ମିଳନ ଉତ୍ସବରେ କାବେରୀ ଶଙ୍କର ଧାନ କମ୍ପାନୀ ର ଆରଏମ୍ ଅଶୋକ କୁମାର ମହାପାତ୍ର, ଟିଏସଏଲ ପ୍ରଭାତ ରଂଜନ ସାହୁ, ଡିଲର ରଂଜନ କୁମାର ଗୁପ୍ତା ଉପସ୍ଥିତ ରହି ବାବୁଲା ମହାନ୍ତ, ବିଜୟ ବାରିକ, ମହେନ୍ଦ୍ର ମହାନ୍ତି, ଯୋଗେଶ୍ୱର ମହାନ୍ତ, କେଶବ ମହାନ୍ତ, ସୁଦାମ ସାହୁ ପ୍ରମୁଖ ଯୋଗଦାନ କରିଥିବା କାବେରୀ ଶଙ୍କର ଧାନ ବିକ୍ରେତାଙ୍କୁ ଏହି ଧାନର ଗୁଣବତା ସମ୍ବନ୍ଧରେ ସୂଚନା ଦେଇଥିଲେ ।

# ରାସ୍ତାରେ ଗଛିତ ବାଲିଗଦାକୁ ଜବତ କରି ରାସ୍ତାରେ ଖେଳାଇ ଦେଲେ ତହସିଲଦାର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଅଂଚଳରେ ବାଲି ଚୋରା ଚାଲାଣ ଦିନକୁ ଦିନ ବଢିବାରେ ଲାଗିଥିବା ବେଳେ ତହସିଲ ପକ୍ଷରୁ ଚଢାଉ ମଧ ଜାରି ରହିଥିଲେ ମଧ ତଥାପି ବାଲି ଚୋରା ଚାଲାଣ କମିବାର ନା ଧରୁନି । ଏଭଳି ଘଟଣା ତହସିଲ ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ ଆନନ୍ଦପୁର ତହସିଲ ଅନ୍ତର୍ଗତ ପଦ୍ମପୁର ବାଲିଘାଟ ଅଂଚଳରୁ ବାଲି ଚୋରି କରାଯାଇ ଘାଟ ନିକଟବର୍ତ୍ତି ଅଂଚଳରେ ଗଛିତ କରି ରଖାଯାଇଥିବା ଦେଖିବାକୁ ମିଳିଛି । ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ଆନନ୍ଦପୁର ପୋଲିସ ଓ ସ୍ଥାନୀୟ ଆରଆଇ ଏବଂ ତହସିଲ କର୍ମଚାରୀଙ୍କ ସହଯୋଗରେ ବାଲିଗଦା ଗୁଡିକୁ ଜବତ କରାଯାଇ ରାସ୍ତାରେ ଖେଳାଇ ଦିଆଯାଇଥିବା ଜଣାପଡିଛି । ବିଭିନ୍ନ ସମୟରେ ତହସିଲର ଅତର୍କତ ଚଢାଉରେ ବାଲି ଚୋରା ଚାଲାଣ କରୁଥିବା ଟ୍ରାକ୍ଟର ଓ ହାଇଓ୍ୱା ଟ୍ରକ୍ ଗୁଡିକୁ ଜବତ କରିବା ସହ ସେମାନଙ୍କଠୁଁ ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଥିବା ବେଳେ ଏବେ ଗଛିତ ବାଲିକୁ ରାସ୍ତାରେ ଖେଳାଇ ଦିଆଯିବା ଘଟଣା ବାଲି ଚୋରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଆଜି ଆନନ୍ଦପୁର ତହସିଲଦାର ପକ୍ଷରୁ ଜେସିବି ଦ୍ୱାରା ୫ଟି ସ୍ଥାନରେ ବଡ ବଡ ନାଳ କରାଯାଇ ବାଲିଘାଟର ରାସ୍ତା ଅବରୋଧ କରାଯାଇଥିବା ବେଳେ ଏହି ନିୟମକୁ ଯଦି କୌଣସି ବାଲିମାଫିଆ ଉଲ୍ଲଘଂନ କରନ୍ତି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ରୟାଲଟି ଆଦାୟ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଗଣମାଧମକୁ ସୂଚନା ଦେଇଛନ୍ତି । ତହସିଲଦାରଙ୍କ ଏଭଳି ଘନଘନ ଚଢାଉ ବାଲିମାଫିଆଙ୍କ ଚିନ୍ତା ବଢାଇଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।

# ସାବ ଏନର୍ଜି ମିନେରାଲ୍ସର ଲାଇସେନ୍ସ ସସ୍‌ପେଣ୍ଡ

କେନ୍ଦୁଝର ,(ପି.ଏନ): ବଡବିଲ ତହସିଲ ବଲାଣି ନିକଟ ଧନୁର୍ଜୟପୁର ଠାରେ ଥିବା ସାବ ଏନର୍ଜି ଏଣ୍ଡ ମିନେରାଲ୍ସର ଟ୍ରେଡିଂ ଲାଇସେନ୍ସକୁ ଖଣି ବିଭାଗ ସସ୍‌ପେଣ୍ଡ କରିଛି । ଏହି ବେନିଫିକେସନ ପ୍ଲାଣ୍ଟରେ ଖଣି ବିଭାଗର ଏକ ସ୍କାର୍ଡ ଯାଂଚ କରିଥିଲା । ଯାଂଚ ସମୟରେ ଅନିୟମିତତା ଥିବା ଜଣାପଡିବା ପରେ ଏହାର ପରିବହନ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି । ଏହି କାରଖାନାରେ କେତେ ପରିମାଣର ସାଇଜ ଓର,ଲମ୍ପସ ଏବଂ ଫାଇନ୍ସ ଗଛିତ ରହିଛି ତାହାର ମଧ ଯାଂଚ କରାଯାଇଥିଲା ।

# କୁଟୁରା ମାଂସ ବିକ୍ରୀ ଅଭିଯୋଗରେ ଜଣେ ଗିରଫ




କେନ୍ଦୁଝର,(ପି.ଏନ): ଭୂୟାଁ ଜୁଆଙ୍ଗ ପୀଢ ରେ କିପାଣି ସେକ୍ସନ ଗୋନାସିକା ବିଟ୍ ଅନ୍ତର୍ଗତ ଗୁପ୍ତଗଙ୍ଗା ଛକରେ କୁଟୁରା ମାସଂ ବିକ୍ରୀ କରୁଥିବା ଜଣେ ଶୀକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ନାମ ଚନ୍ଦ୍ରମଣୀ ଜୁଆଙ୍ଗ ବୋଲି ଜଣାପଡିଛି । ବନ ବିଭଗ ତା' ଠାରୁ ୧ କିଲୋ ୨୦୦ ଗ୍ରାମ ମାଂସ,ଏକ ଧାରୁଆ ଅସ୍ତ୍ର ସହ ଓଜନ କଣ୍ଟା ଜବତ୍ କରିଛି । ଗୁରୁବାର ଦିନ ଭୋର ସମୟରେ ଫାଶ ପକାଇ କୁଟୁରା ମାରି ବିକ୍ରୀ କରୁଥିବା ଖବର ପାଇ ବନ ବିଭାଗ ଏକ ଟିମ ଚଢଉ କରି ଚନ୍ଦ୍ରମଣୀ ଜୁଆଙ୍ଗ(୪୦) କୁ ଗିରଫ କରିଛି । ଶିକାରୀକୁ ବିଜେପି ରେର ମାନସ କୁମାର ମୁର୍ମୁ,କିପାଣି ଫରେଷ୍ଟର ଶିବନାରାୟଣ ଦେବ, ଶୁଆକାଟୀ ଫରେଷ୍ଟର ଶରତ ପଟ୍ଟନାୟକ,ଫରେଷ୍ଟ ଗାର୍ଡ ଖଗେଶ୍ୱର ରାଉତ,ସରୋଜ ନାୟକଙ୍କ ସମେତ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ । କୁଟୁରା ମାଂସ କିଲୋ ପ୍ରତି ୬ଶହ ଟଙ୍କାରେ ବିକ୍ରୀ କରୁଥିବା ଶୀକାରୀ କହିଛି । ଜବତ୍ ମାଂସ କୁଟୁରା ମାସଂ ବୋଲି ଜଣାପଡିଥିଲେ ହେଁ ଫରେନସିକ ଯାଂଚ ପାଇଁ ପଠାଯିବ ବୋଲି ରେର କହିଛନ୍ତି । କୁଟୁରା ବନ୍ୟପ୍ରାଣୀ ସିଡ୍ୟୁଲ ୩ ବିଭାଗରେ ଯାଉଥିବାରୁ ଦୋଷ ପ୍ରମାଣିତ ହେଲେ ସର୍ବାଧିକ ୭ ବର୍ଷର ଜେଲ ଦଣ୍ଡ ବ୍ୟବସ୍ଥା ରହିଛି । ବିଜେପି ରେ ଓଆର କେଶ ନଂ ୧୨ ବିଜେ ଅଫ ୨୦୨୦-୨୧ରେ ମାମଲା ରୁଜୁ କରିଛି । ଗିରଫ ଚନ୍ଦ୍ରମଣୀ ଜୁଆଙ୍ଗର ଜାବୀନ ନାମର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ବିଜେପି ରେରେ କର୍ମଚାରୀ ଅଭାବ ରୁ ବିସ୍ତୀର୍ଣ୍ଣ ଜଙ୍ଗଲ ର ସୁରକ୍ଷା କରିବା ଏକ ପ୍ରକାର ଅସମ୍ଭବ ହୋଇପଡିଥିବାବେଳେ ଏହାର ସୁଯୋଗରେ କାଠ ମାଫିଆ ଏବଂ ଶୀକାରୀ ସକ୍ରୀୟ ହୋଇପଡିଛନ୍ତି । ବିଜେପି ରେ ଅଧିନରେ ୧୧ଟି ବିଟ ଥିବାବେଳେ ମାତ୍ର ୬ଜଣ ଫରେଷ୍ଟ ଗାର୍ଡ କ୍ାମ କରୁଛନ୍ତି । ଜଣେ ଜଣେ ଫରେଷ୍ଟ ଗାର୍ଡକୁ ୨/୩ଟି ବିଟ ଦାୟିତ୍ୱ ଦିଆଯାଇଛି । ବନ କର୍ମଚାରୀ ଅଭାବରୁ ପେଟ୍ରୋଲିଂ ମଧ ସବୁ ସମୟରେ ହୋଇପାରୁନାହିଁ । ବନ କର୍ମଚାରୀ ଅଭାବରୁ ଜଙ୍ଗଲରେ ଚୋରୀ ବଢୁଛି । ଖଣ୍ଡାଧାର ଅଞ୍ଚଳରେ ମାଫିଆମାନେ ଜଙ୍ଗଲ ସଫା କରି ଖଣିଜ ପଥର ଲୁଟ କରୁଛନ୍ତି ।

# ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ କହିଛନ୍ତି ଆଗାମୀ ଦିନରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଦେଶର ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍‌ଏନ୍‌ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବ ଗ୍ୟାସ ପାଇପଲାଇନର ନିର୍ମାଣ କାମ ଚାଲୁଛି । ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ଖିରେଇଟାଙ୍ଗିରୀ ସେକ୍ସନ ନିକଟରେ ଠାବ ହେଲା ଚୋରା କାଠ କାରବାର, ବିପୁଳ ପରିମାଣର କାଠ ଜବତ, ୨ ଗିରଫ

କେନ୍ଦୁଝର,(ପି.ଏନ): କେନ୍ଦୁଝର ବନଖଣ୍ଡ ପାଟଣା ରେ ଖିରେଇଟାଙ୍ଗିରୀ ସେକ୍ସନ ନିକଟରେ ବାହାର ରାଜ୍ୟର ଲୋକଙ୍କ ସହାୟତାରେ କାଠ ଚିରା ଯାଉଥିବା ସ୍ଥାନରେ ଆଜି ଏସିଏଫ୍ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ସ୍କାର୍ଡ ଟିମ୍ ଅତର୍କିତ ଚଢାଉ କରିଥିଲେ । ଅପରାହ୍ନ ୪ଟା ସମୟରେ ସ୍କାର୍ଡ ଟିମ୍ ର ରେର ପିତାମ୍ବର ନାୟକ,ରାମହରି ଦାସ ଓ ଅନ୍ୟ ବନ କର୍ମଚାରୀ ଚଢାଉ କରିଥିଲେ । ଚଢାଉ ସମୟରେ ୪ ଜଣ ଚମ୍ପଟ ମାରିଥିଲାବେଳେ ବେଳେ ୨ ଜଣଙ୍କୁ କାବୁ କରାଯାଇଛି । ଅଟକ ଥିବା କବିର ଆନସାରୀ ଓ ମୁସ୍ତାବ ଆନସାରୀ ଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ଜଣାପଡିଛି । ଜଙ୍ଗଲରୁ ବଡ ବଡ ଗଛ କଟାଯିବା ପରେ ଖିରେଇଟାଙ୍ଗିରୀ ନିକଟରେ କରତ ସାହାଯ୍ୟରେ କାଠ ଗୁଡିକୁ ଚିରା ଯାଉଥିଲା । ୨ ଜଣ କରତିଆଙ୍କ ନିକଟରୁ ଗୋଟିଏ କରତ ଓ ୨ଟି ଟାଙ୍ଗିଆ ଜବତ୍ କରାଯାଇଛି । ଜବତ ଶାଳ ଓ ଗମ୍ଭାରୀ କାଠର ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଖିରେଇଟାଙ୍ଗିରୀ ସେକ୍ସନ ନିକଟରେ ଦୀର୍ଘଦିନ ହେବ ଜଙ୍ଗଲରୁ କାଠ ଆଣି ସ୍ଥାନୀୟ ଲୋକଙ୍କ ସହଯୋଗରେ ଝାଡଖଣ୍ଡ କରତିଆଙ୍କ ସହାୟତାରେ କାଠ ଚିରା ଯାଇ ଚାଲାଣ ହେଉଛି ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା, (ପିଏନ)- ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମ୍ବିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗରାପୁର ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା । ଦୀର୍ଘ ୨ ମାସ ତଳେ ଗାଡି ମଡାଇ ମାରିବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରା ଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପିଡିତ ପରିବାର ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଗତ ଜୁଲାଇ ମାସରେ ପଟ୍ଟାମୁଣ୍ଡାଇ ଥାନା ଅଧିନ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁଙ୍କୁ ଏକ ପାରିବାରିକ ବିବାଦରେ ଆକ୍ରୋଷ ରଖି ଅଭିଯୁକ୍ତ ପୁତୁରା ସମ୍ବିତ୍ ସ୍ୱାଇଁ ଟଣାଓଟରା କରିବା ସହ ଅଶାଳୀନ ବ୍ୟବହାର ଦେଖାଇ ବାରୁ ବିଜୟ ଏହାର ପ୍ରତିବାଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ବିଜୟ ଓ ରଶ୍ମିତା ଲୁନାରେ ଥାନାକୁ ଆସୁଥିବା ବେଳେ ସମ୍ବିତ୍ ଗାଡି ମଡାଇ ତାଙ୍କୁ ମାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଉଦ୍ୟମରେ ବିଜୟଙ୍କ ଗୋଡ ଗାଡି ଧକ୍କାରେ ଭାଙ୍ଗି ଯିବାରୁ ସେ ଦୀର୍ଘଦିନ ଧରି ଚିକିତ୍ସାଧିନ ଥିଲେ ।

# ଅଘୋଷିତ ବିଦ୍ୟୁତ କାଟ ଓ ବିଲ୍ ଛାଡ଼ ଲାଗି କାର୍ଯ୍ୟାଳୟ ଘେରିଲେ

କୋରେଇ, (ପିଏନ)- ଯାଜପୁର ରୋଡ଼ ସବଡ଼ିଭିଜନ ଅଧିନସ୍ଥ ପାଣିକୋଇଲି ବିଦ୍ୟୁତ ସେକ୍ସନର ଦାୟିତ୍ୱହୀନତା ଓ କରୋନା ସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବଡ଼ବିରୁହାଁ ପଂଚାୟତ ଅଧିନସ୍ଥ ସୋଲପଟା ଗ୍ରାମର ଉପଭୋକ୍ତା ଗୁରୁବାର ଦିନ ପାଣିକୋଇଲି ବିଦ୍ୟୁତ ସେକ୍ସନକୁ ଘେରାଉ କରିଥିଲେ । ସେମାନଙ୍କର ଦାବି ମୁତାବକ କରୋନା ମହାମାରୀ ଯୋଗୁ ଜୀବିକା ହରାଇଥିବା ସହିତ ଚଳିତ ଖରସ୍ରୋତା ବନ୍ୟାରେ ତାଙ୍କର ଫସଲ ସମ୍ପୁର୍ଣ କ୍ଷତିଗ୍ରସ୍ତ ହୋଇଅଛି । ତା ଛଡ଼ା ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିମାସରେ ତାଙ୍କୁ ବିଲ ଦିଆଯାଉନାହିଁ କିମ୍ବା ବିଦ୍ୟୁତ ବିଲ ଆଦାୟ କରିବା ଲାଗି କୌଣସି କର୍ମଚାରୀ ଉକ୍ତ ଗ୍ରାମକୁ ଯାଉନାହାନ୍ତି । ଫଳରେ ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ ବିଲ ବାକି ରହିଛି । ଏହା ଉପରେ ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ପ୍ରଦାନ କରାନଯାଇ କିମ୍ବା କୌଣସି ଅଧିକାରୀ ତାଙ୍କର ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ ନକରି ତରବରିଆ ଭାବେ ସମ୍ପୁର୍ଣ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିଥିଲେ । ଉପଭୋକ୍ତା ମାନେ ଚାଷ ଲାଗି ପୁନର୍ବାର ଅଂଟା ଭିଡୁଥିବା ବେଳେ ବିଦ୍ୟୁତ ସଂଯୋଗ ବିଛିନ୍ନ ଯୋଗୁଁ ବୋରିଂ ଗୁଡ଼ିକ ବନ୍ଦ ହୋଇଯାଇଥିଲା । ଏହା ସହିତ ପିଲାମାନଙ୍କ ପାଠପଢା ଓ ଗ୍ରାମରେ କରୋନା ପିଡ଼ିତ ହୋମ କ୍ୱାରେଟାଂଇନରେ ରହୁଥିବା ବ୍ୟକ୍ତି ମାନେ ବିଦ୍ୟୁତ କାଟ ଯୋଗୁଁ ନାନା ଅସୁବିଧାର ସମ୍ମୁଖିନ ହୋଇଥିଲା । ଏ ଦିଗରେ ସେମାନେ ବିଭାଗର ଅଧିକାରୀ ଓ ଅଂଚଳର ଲାଇନମ୍ୟାନଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେମାନଙ୍କ ଠାରୁ କୌଣସି ଉତର ନମିଳିବାରୁ ସେମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହା ବ୍ୟତୀତ ବିଦ୍ୟୁତ ବିଭାଗ ତରଫରୁ ଲାଇନମ୍ୟାନଙ୍କ ସମେତ ବିଲ ଆଦାୟ ଓ ମିଟର ଲଗାଇବା ଲାଗି ଯାଉଥିବା ବ୍ୟକ୍ତି ମାନେ ତାଙ୍କୁ ଉତ୍କୋଚ ମାଗୁଥିବାର ଅଭିଯୋଗ ହୋଇଥିଲା । ଏ ଦିଗରେ ବିଭାଗ ତରଫରୁ ଉତ୍କୋଚ ମାଗିବା ନେଇ କୌଣସି ସ୍ପଷ୍ଟିକରଣ ଦିଆଯାଇନଥିବା ବେଳେ ସେମାନଙ୍କର ୭/୮ ମାସର ବିଦ୍ୟୁତ ବିଲ ବାକିଥିବା ଯୋଗୁଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଛି ବୋଲି ପାଲଟା ଅଭିଯୋଗ କରିଥିଲେ । ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ସେମାନଙ୍କର ସମସ୍ୟା ସମାଧାନ କରିବା ଲାଗି ପହଂଚି ନଥିଲେ । ତେବେ କରୋନା ମହାମାରୀ ଯୋଗୁଁ ଦୀର୍ଘ ଛଅ ମାସ ହେଲା ରୋଜଗାର ହରାଇ ଘରେ ବସିରହିଥିବା ବେଳେ ବନ୍ୟା ସେମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଏପରି ପରିସ୍ଥିତିରେ ବିଦ୍ୟୁତ ବିଭାଗ ପରିସ୍ଥିତିର ସାମନା କରିବା ଲାଗି ଉପଭୋକ୍ତାଙ୍କୁ ସହଯୋଗ କରିବା ପରିବର୍ତେ ସେମାନଙ୍କ ଉପରେ ଜୁଲମ କରିବା ବିଭାଗର ହିଟଲରୀ ଶାସନର ପରିଚୟ ଦେଉଛି । ତେଣୁ ଏ ଦିଗରେ ସରକାର ପଦକ୍ଷେପ ସ୍ୱରୁପ ବିଦ୍ୟୁତ ବିଲ ସମ୍ପୁର୍ଣ ଛାଡ଼ କରିବା କିମ୍ବା ପରିଶୋଧ ଲାଗି ସମୟ ଦେବା ସହିତ ଲୋଭୋଲଟେଜ ଓ ଉତ୍କୋଚ ସମସ୍ୟା ପ୍ରତି ଗୁରୁତ୍ୱାରୋପ ନକଲେ ଆଗାମୀ ଦିନରେ ଆଇନକୁ ହାତକୁ ନେବୁ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ରେଡକ୍ରସ୍ ପକ୍ଷରୁ ପରିବାର ପରାମର୍ଶ ସଂପର୍କିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର : ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ତରଫରୁ ନେହେରୁ ବସ୍ତି, ୟୁନିଟ୍ -୮ ପରିବାର ପରାମର୍ଶ ସଂମ୍ପର୍କିତ ଗୋଷ୍ଠୀସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ନେହେରୁ ବସ୍ତି ର ଯୁବତୀ ଏବଂ ମହିଳା ମାନେ ବହୁତ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଜୟାଲକ୍ଷ୍ମୀ କର ପରିବାର ପରାମର୍ଶଦାତ୍ରୀ ସମାଜରେ ଘଟୁଥିବା ପରିବାରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ସଂପର୍କରେ ଅବଗତ କରିଥିଲେ । ରେଡକ୍ରସ ସ୍ଥିତ ପରିବାର ପରାମର୍ଶ କେନ୍ଦ୍ର ସହାୟତାରେ ପାରସ୍ପରିକ ବୁଝାମଣା ମାଧ୍ୟମରେ ପରିବାର ର ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷ କରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଉପରେ ଘଟୁଥିବା ଅନ୍ୟାୟ ,ଅତ୍ୟାଚାର ସହ ଏହାର ନିରାକରଣ ଓ ଏହାପାଇଁ ଉଦିଷ୍ଟଥିବା ଆଇନ ଗତ ଧାରା ଲୋକମାନଙ୍କ ପାଖରେ କିପରି ସହଜରେ ପହଂଚିପାରିବ ସେସଂପର୍କରେ ଶ୍ରୀମତୀ ବିଜୟାଲକ୍ଷ୍ମୀ କର ଆଲୋଚନା କରିଥିଲେ ।

# ବିଶ୍ୱ ବିଦ୍ୟାଳୟରେ ରାଜନୀତିକରଣକୁ ବିରୋଧ କରି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସ୍ୱଂୟ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ବିଶ୍ୱ ବିଦ୍ୟାଳୟରେ ରାଜନୀତି କରଣକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଡିଶା ସରକାରଙ୍କ ପ୍ରସ୍ତାବିତ ଓଡିଶା ବିଶ୍ୱ ବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ ୧୯୮୯ ଏବଂ ରେଭେନସା ବିଶ୍ୱ ବିଦ୍ୟାଳୟ ଆଇନ ୨୦୦୫ ପ୍ରତ୍ୟାହାର, ବିଶ୍ୱ ବିଦ୍ୟାଳୟ ଗୁଡିକର ସ୍ୱାଧିନତା କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟ ରାଜ୍ୟ ସରକାର ଙ୍କର ଥିବାରୁ ଭାରତୀୟ ଜନତା ଯୁବମୋର୍ଚ୍ଚା କେନ୍ଦ୍ରାପଡା ଶାଖା ତରଫରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି । ଏହା ସହ ରାଜ୍ୟ ସରକାରଙ୍କ ବିରୋଧରେ କର୍ମୀମାନେ ସ୍ଲୋଗାନ ଦେଇ ବିଶ୍ୱ ବିଦ୍ୟାଳୟର ସ୍ୱାଧରନତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଯୁବମୋର୍ଚ୍ଚା ସଭାପତି ଦିଲିପ ଦାଶ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସଂଶୋଧିତ ଅଧିନିୟମ କୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ନଚେତ୍ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।ଏହି ବିକ୍ଷୋଭ ପ୍ରଦର୍ଶନ କରିବା ସମୟରେ ଯୁବନେତା ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ଦିଲିପ ଦାସ, ବିନ୍ଦୁ ସାଗର ଦାସ, ମୁକ୍ତିକାନ୍ତ ସ୍ୱାଇଁ, ସୁଦାମ ମଳିକ, ପ୍ରଶାନ୍ତ ସେଠୀ, ଜ୍ଞାନ ରଞ୍ଜନ ପ୍ରଧାନ, ବାସୁଦେବ ତ୍ରିପାଠୀ, ସନ୍ଦିପନି ଆର୍ଯ୍ୟ କୁମାର, ଅବିନାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ମାସ ହେଲା ଆଣ୍ଠୁଏ ପାଣିରେ ପଶି ଘରକୁ ଯାଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)-କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ୧୧ ନମ୍ବର ଓ୍ୱାର୍ଡର ଗୋଛାୟତ ସାହି ଓ ମାଝିସାହି ବାସିନ୍ଦା ମାନେ ନିଜ ଘରକୁ ଯିବା ପାଇଁ ଆଣ୍ଠୁଏ ପାଣିରେ ଯାତାୟତ କରୁଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ବସ୍ତି ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଏହି ସାହିକୁ ୨ ଫୁଟ ଉଚ୍ଚର ପାଣି ଜମି ରହୁଥିବାରୁ ଗ୍ରାମବାସୀ ମାନେ ବିଷାକ୍ତ ପରିବେଶ ଓ ଦୂଷିତ ଜଳରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ପାଣି ନିଷ୍କାସନ ପଥକୁ ପାଖ ବସ୍ତିର ଲୋକମାନେ ଅବରୋଧ କରି ମାଟି ପକାଇ କଚା ପାଇଖାନା କରିଥିବାରୁ ଅଳିଆ ଆବର୍ଜନା ଓ ଜଳ ନିଷ୍କାସିତ ହୋଇ ନପାରି ଗାଁ ରାସ୍ତାରେ ପଚୁ ଥିବାରୁ ପରିବେଶ ଅତ୍ୟନ୍ତ ଦୂଷିତ ହୋଇ ଯାଇଛି । କେତେକ ଗ୍ରାମବାସୀଙ୍କ ଗୋଡରେ ଘା ହେବା ସହ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପୁଛି । ଏନେଇ ଗ୍ରାମବାସୀ ମାନେ ତହସିଲଦାର ଓ ପୌରକାର୍ଯ୍ୟାଳୟ ରେ ଅଭିଯୋଗ କଲେ ମଧ ଦୀର୍ଘ ୫ ମାସ ହେଲା କେହି ଆପତି ଶୁଣୁ ନାହାନ୍ତି । ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ମାଝି, ରାମଚନ୍ଦ୍ର ଗୋଛାୟତ, ରତ୍ନାକର ମାଝି, ନାରାୟଣ ଗୋଛାୟତ, ନିର୍ମଳ ଗୋଛାୟତ, ଗୋକୁଳ ଗୋଛାୟତ ଓ କାଙ୍ଗାଳି ମାଝି ପ୍ରମୁଖ ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିକାର ଦାବି କରିଛନ୍ତି ।

# ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ


ସମ୍ବଲପୁର,(ପିଏନ)- ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳର ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶାରୀରିକ ଓ ମାନିକ ସ୍ତରରେ ସୁସ୍ଥ ରଖିବା ପାଇଁ ୧୫ ଅଗଷ୍ଟରୁ ୨ ଅକ୍ଟୋବର - ୨୦୨୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଅଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗକୁ ବିଭିନ୍ନ ଦିନ ଗୁଡ଼ିକରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଅଛି ।୧୧ ସେପ୍ଟେମ୍ବର-୨୦୨୦ରେ ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରାଯାଇଥିଲା । ଏହି ରନ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ଶ୍ରୀମତୀ ମଲ୍ଲିକ, ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରଦ୍ରୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ ପାତ୍ରଦ୍ରୁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ରେଳବାଇ ଷ୍ଟାଡିୟମରୁ ବାହାରି ସମ୍ବଲପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ଆସିଥିଲା । ସାମାଜିକ ଦୂରତା ବଜାୟ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ବିଜେପିରେ ମିଶିଲେ ପଂଚାୟତ ସ୍ତରର କଂଗ୍ରେସ କର୍ମୀ

କେନ୍ଦ୍ରାପଡା, ୧୧ ସେପ୍ଟେମ୍ବର (ହି.ସ.)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଓ ଓସ୍ତପୁର ପଂଚାୟତର କଂଗ୍ରେସ କର୍ମୀମାନେ ବିଜେପିରେ ମିଶିଥିବା ବିଜେପି ପକ୍ଷରୁ ସୂଚନା ଦିଆ ଯାଇଛି । ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଦୁହୁରିଆ ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କିଶୋର ପଣ୍ଡା ଓ ବିଧାୟକ ପାର୍ଥୀ ସୁନାକର ବେହେରାଙ୍କ ଉପସ୍ଥିତି ରେ କଂଗ୍ରେସ ଯୁବନେତା ମହେନ୍ଦ୍ର ସାହୁ, ପ୍ରତାପ ସାହୁ, ମାନସ ମହାନ୍ତି, ପ୍ରଦିପ ରାଉତ, ଅକ୍ଷୟ ସ୍ୱାଇଁ, ଗୋଲଖ ବାରିକ ପ୍ରମୁଖ ଏହି ଦୁଇ ପଂଚାୟତ ର ଯୁବକଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଥିଲେ ।

# ଶ୍ରମିକଙ୍କୁ ରୋଜଗାର ଓ ସହାୟତା ପ୍ରଦାନ ପାଇଁ ବିଏମଏସର ଦାବି

କେନ୍ଦ୍ରାପଡା, (ପିଏନ)- କୋଭିଡ-୧୯ କରୋନା ମହାମାରୀ ପାଇଁ ଦୀର୍ଘ ୭ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାରେ ମଜଦୁର ମାନେ ବେରୋଜଗାର ହୋଇ ବସି ରହିଛନ୍ତି । ଏହି ବେରୋଜଗାରୀ ମଜଦୁର ମାନଙ୍କୁ ରୋଜଗାର ଓ ସହାୟତା ପ୍ରଦାନ ପାଇଁ ଭାରତୀୟ ମଜଦୁର ସଂଘ (ବିଏମଏସ) ତରଫରୁ ଦାବି କରାଯାଇଛି । ସଂଘର ସଭାପତି ପ୍ରଭାତ କୁମାର ପାଣିଙ୍କ ନେତୃତ୍ୱରେ ଶତାଧିକ ମଜଦୁର ମାନେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ମଧରେ ସମସ୍ତ ପ୍ରବାସୀ ଶ୍ରମିକ ତଥା ବେକାର ଯୁବକ ଯୁବତୀ ମାନଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି, ଡାକ୍ତରଖାନା କର୍ମଚାରୀଙ୍କ ଭଳି ସମସ୍ତ ମହିଳା କରୋନା ଯୋଦ୍ଧା , ଅଙ୍ଗନବାଡି କର୍ମଚାରୀ, ଆଶା କର୍ମଚାରୀ ଓ ଆଶାସାଥୀ ଇତ୍ୟାଦିଙ୍କୁ ଦୈନିକ ୫୦୦ ଟଙ୍କା ପ୍ରଦାନ, ଉଠା ଦୋକାନୀ ଆଦି ସମସ୍ତ ଅନ ସଂଗଠିତ ଶ୍ରମିକଙ୍କୁ ତାଲା ବନ୍ଦ ସମୟରେ ମାସିକ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପ୍ରଭୃତି ଦାବି ଗୁଡିକ ରହିଛି ।ଏହି ଦାବିପତ୍ର ପ୍ରଦାନ ସମୟରେ ସଂପାଦକ ତଥା ଶ୍ରମିକ ନେତା ପ୍ରଶାନ୍ତ କୁମାର ପାଣି, ଫକିର ବାରିକ, ଅଞ୍ଜନା ରଣା, କାହ୍ନୁ ଚରଣ ବେହେରା, ମଧୁସ୍ମିତା ସାହୁ, ପ୍ରଦିପ ରାଉତ, ଆକାଶ ରଣା ପ୍ରମୁଖ ଉପସ୍ଥିତ ଥିଲେ ।




# ଅବକାରୀ ସ୍କ୍ୱାର୍ଡ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣା: ଖୋଲାରେ ବୁଲୁଛନ୍ତି ଅଭିଯୁକ୍ତ, ଗିରଫ ଦାବି

ଧର୍ମଶାଳା (ପିଏନ୍): ଧର୍ମଶାଳା ଅବକାରୀ ବିଭାଗ ସ୍କ୍ୱାର୍ଡ ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି । ଘଟଣାକୁ ୪ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁଲିସ୍ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ପାରିନାହିଁ । ସଂପୃକ୍ତ ଅଭିଯୁକ୍ତମାନେ ଖୋଲାରେ ବୁଲୁଥିବା ବେଳେ ପୁଣି ଚୋରାମଦ ବେପାର ଆରମ୍ଭ କରି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଗତ ୩ତାରିଖରେ ମାତ୍ର ଜଣେ ଅଭିଯୁକ୍ତ ଦେଓଦା ଗ୍ରାମର ଜ୍ଞାନରଂଜନ ମଲିକକୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ କାହିଁକି ଗିରଫ କରୁନି, ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣାରୁ ପ୍ରକାଶ ଯେ, ଧର୍ମଶାଳା ଅବକାରୀ ବିଭାଗ ଅଧୀନ ଦେଓଦା ଗାଁରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏ ସଂପର୍କରେ ଅଭିଯୋଗ ପାଇ ଅବକାରୀ ସ୍କ୍ୱାର୍ଡ ଦେଓଦା ଦଳିତ ସାହିରେ ଗତ ୧ତାରିଖ ଅପରାହ୍ଣରେ ଅତର୍କିତ ଚଢ଼ଉ କରିଥିଲା । ପ୍ରଥମେ ଜିତେନ୍ ମଲିକଙ୍କ ଘରେ ଖାନତଲାସୀ ଆରମ୍ଭ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଜିତେନ୍ ଭାରପ୍ରାପ୍ତ ଅବକାରୀ ଅଧିକାରୀ ଭବାନୀ ଶଙ୍କର ସେଠୀଙ୍କୁ ଏକ ଫାଉଡାରେ ହାଣିବା ପାଇଁ ଉଦ୍ୟମ କରିଥିଲା । ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଚିତ୍କାର କରି ଅନ୍ୟମାନଙ୍କୁ ଡାକ ପକାଇଥିଲା । ପରେ ଜ୍ଞାନରଂଜନ ମଲିକ, ଅରୁଣ ମଲିକ, ଯୋଗୀ ମଲିକ, ଭରତ ସାହୁ ଓ ଅନ୍ୟ ସହଯୋଗୀମାନେ ଘଟଣାସ୍ଥଳରେ ପହଁଚି ସ୍କ୍ୱାର୍ଡକୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏଥିରେ କନଷ୍ଟେବଲ ସଂଗ୍ରାମ କେଶରୀ କୁଅଁର ଆହତ ହୋଇଥିବା ବେଳେ ଏହି ସ୍କ୍ୱାର୍ଡରେ ଆସିଥିବା ରସୁଲପୁର ଅବକାରୀ ଥାନାର ସହ ଉପନିରୀକ୍ଷକ ଚକ୍ରଧର ଦାସ, ମାଳତୀ ମାଝି ଓ ଧର୍ମଶାଳା ଅବକାରୀ କର୍ମଚାରୀ ଶିଶିର ପ୍ରଧାନଙ୍କୁ ଅଭିଯୁକ୍ତମାନେ ଠେଲାପେଲା କରିଥିଲେ । ସେହିପରି ଅବକାରୀ ଅଧିକାରୀ ପିନ୍ଧିଥିବା ୟୁନିଫର୍ମକୁ ଟଣାଘୋଷରା କରିବା ସହିତ ଏଥିରେ ଲାଗିଥିବା ନାମ ଫଳକକୁ ଭିଡି ନେଇଥିଲେ । ଏଥିସହ ଏହି ସ୍କ୍ୱାର୍ଡ ଭଡାରେ ଆଣିଥିବା ବୋଲେରୋ (ଓଡି୦୨ପି-୯୫୪୬) ଡ୍ରାଇଭରଙ୍କୁ ମାରପିଟ୍ କରିବା ସହିତ ଗାଡିକୁ ଭଙ୍ଗାରୁଜା କରିଥିଲେ । ଚୋରାମଦ ବେପାରୀ ଓ ସେମାନଙ୍କ ସହଯୋଗୀ ମାନଙ୍କ ସଂଘବଦ୍ଧ ଆକ୍ରମଣରେ ଅବକାରୀ ସ୍କ୍ୱାର୍ଡ ଛତ୍ରଭଙ୍ଗ ଦେଇଥିଲା । ଜୀବନ ଭୟରେ ସେଠାରୁ ଫେରି ଆସିଥିଲେ । ଏନେଇ ଭାରପ୍ରାପ୍ତ ଅବକାରୀ ଅଧିକାରୀ ଶ୍ରୀ ସେଠୀ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ପୁଲିସ୍ ୪୯୫/ ୨୧ନମ୍ବରରେ ଏକ ମାମଲା (ଦଫା- ୩୪୧, ୩୨୩, ୨୯୪, ୫୦୬, ୩୦୭, ୩୫୩, ୧୮୬, ୩୫୪ ଓ ୩୪ଧାରା) ରୁଜୁ କରିଥିଲେ ହେଁ, ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସାହସ ଜୁଟାଇ ପାରୁନଥିବା ଅଭିଯୋଗ ହୋଇଛି । ତେବେ ଦିନରେ ଅଭିଯୁକ୍ତମାନଙ୍କୁ ଧରିବା ସମ୍ଭବ ହେଉନଥିବା ବେଳେ ରାତିରେ ସେମାନେ ଅନ୍ୟ ଲୋକଙ୍କ ଘରେ ଶୋଇଯାଉଛନ୍ତି । ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍. ଦାସରଥୀ ପାତ୍ରୋ ସୂଚନା ଦେଇଛନ୍ତି ।

# ମା' ରୁକ୍ମିଣୀ ଦେବୀଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା



କୋଣାର୍କ (ପିଏନ୍): ବୁଧବାର କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ଓ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଶୋଭନୀୟତା ଓ ସେବାର ବର୍ତ୍ତିକା ଦିବଂଗତା ମା' ରୁକ୍ମିଣୀ ଦେବୀଙ୍କର ପ୍ରଥମ ବାର୍ଷିକ ଶ୍ରଦ୍ଧାଂଜଳି ସଭା ଆୟୋଜିତ ହୋଇଯାଇଛି। ପ୍ରତ୍ୟୁଷରୁ ସର୍ବଧର୍ମ ପ୍ରାର୍ଥନା, ବେଦପାଠ ଓ ଭୋଜ୍ୟସ୍ରୋର୍ଗ କ୍ରିୟାକର୍ମ ସଂପନ୍ନ ପରେ ମା' ରୁକ୍ମିଣୀ ଦେବୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିପୀଠକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା-ସଂପାଦିକା ଡ. ଅରୁନ୍ଧତୀ ଦେବୀ ଉଦ୍‌ଘାଟନ କରିଥିଲେ। ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା କୁମାର ଭାଇଙ୍କ ପ୍ରେରଣାରେ ୧୯୭୩ ମସିହାରେ ସରକାରୀ ଚାକିରୀ ଛାଡି ରୁକ୍ମିଣୀ ଦେବୀ ଶୋଭନୀୟ ଆନ୍ଦୋଳନରେ ଯୋଗ ଦେଇଥିଲେ। ସେ ଜଣେ ସେବାବ୍ରତୀ ତ୍ୟାଗୀ ସନ୍ଥ ଥିଲେ ବୋଲି ଆୟୋଜିତ ଶ୍ରଦ୍ଧାଂଜଳି ସଭାରେ ବକ୍ତାମାନେ ମତପୋଷଣ କରିଥିଲେ। ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଣ୍ଠଶିଳ୍ପୀ ବିଜୟଲକ୍ଷ୍ମୀ ରଥ କୁମାର ଭାଇଙ୍କ ରଚିତ ଭଜନ ଗାନ କରିଥିଲେ। ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ମା' ଶାରଦା ଦେବୀ, ସମାଜସେବୀ ହରିଶ୍ଚନ୍ଦ୍ର ଦାଶ, ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର




ଖଟୋଇ, ଅର୍କଶ୍ରୀ ସଂପାଦକ ଉମେଶ ସ୍ୱାଇଁ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ଡାକ୍ତର ବିଧୁଭୂଷଣ ନାୟକ, ପୁରୀଜିଲ୍ଲା ଯାଦବ ମହାସଂଘ ସଭାପତି ଗୋପାଳଚନ୍ଦ୍ର ବେହେରା, ଅଧ୍ୟାପକ ବିବେକାନନ୍ଦ ମିଶ୍ର, ସମାଜସେବୀ ନିରଂଜନ ସାହୁ, ରବୀନ୍ଦ୍ର ପ୍ରଧାନ, ରାମକୃଷ୍ଣ ମହାନ୍ତି, ଗୁରୁ ଜୟକୃଷ୍ଣ ନାୟକ, ବ୍ରଜ ସୁନ୍ଦରାୟ, ସାମ୍ବାଦିକ ଅଜିତ୍ ମଲ୍ଲିକ, ସାମ୍ବଦିକ ଅକ୍ଷୟ ନାୟକ, ଅଧ୍ୟାପକ ଅରବିନ୍ଦ ସାହୁ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ ପ୍ରମୁଖ ମା ରୁକ୍ମିଣୀ ଦେବୀଙ୍କ ଜୀବନାଦର୍ଶର ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଡ. ବନଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାଶ୍ରମର ପୁରାତନ ଛାତ୍ରଛାତ୍ରୀ ସ୍ମୃତିପୀଠ ନିର୍ମାଣ ନିମନ୍ତେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁମା ବିଦୁଲତା ଶତପଥୀ, ମନୋରମା ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ଗୀତାଞ୍ଜଳି ସାହୁ, କୁନାଲ ପାତ୍ର, ପ୍ରିୟରଂଜନ ରଥ ଓ ଦୀପଙ୍କର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଭଗବତୀ ପାଣିଗ୍ରାହୀଙ୍କ ସ୍ମୃତି ସମାରୋହ




ଭୁବନେଶ୍ୱର (ପିଏନ୍)–ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଭଗୀରଥ, କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ତଥା ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୮ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ) ନେତା ସୁରେଶ ପାଣିଗ୍ରାହୀ ଓ ସିପିଆଇ (ଏମ.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ– ଉତ୍କଳ ଗୌରବ ମଧୁସୁଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଯଥାକ୍ରମେ ଓଡ଼ିଆ ଜାତୀୟତା ଓ ମହାଭାରତୀୟ ଜାତୀୟତାର ଧାରାକୁ ଓଡ଼ିଶାରେ ପ୍ରବାହିତ କରିଥିବାବେଳେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର ଦୁଇ ସହଯୋଗୀ ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ୧୯୩୬ ମସିହାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଶ୍ରେଣୀହୀନ ଓ ଶୋଷଣହୀନ ସମାଜ ଗଠନର ଆନ୍ତର୍ଜାତୀୟତାବାଦର ମନ୍ଦାକିନୀ ଧାରାକୁ ଓଡ଼ିଶା ମାଟିରେ ପ୍ରବାହିତ କରିଥିଲେ ଏବଂ ଏହି ସାମ୍ୟବାଦୀ ସମାଜ ହିଁ ହେଉଛି ମାନବ ଜାତିର ଭବିଷ୍ୟତ ଯାହାକୁ କେହି ଅନ୍ୟଥା କରିପାରିବ ନାହିଁ। ସେମାନେ କହିଥିଲେ– ଯେଉଁ ସାମ୍ପ୍ରଦାୟିକତାବାଦୀମାନେ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ ନ କରି ଧର୍ମ ଭିତ୍ତିରେ ଦେଶ ବିଭାଜନ ପାଇଁ ଇଂରେଜ ସରକାରକୁ ସହଯୋଗ କରିଥିଲେ, ସେମାନେ ଆଜି କେନ୍ଦ୍ର କ୍ଷମତାକୁ ଦଖଲ କରି ଧର୍ମୀୟ ମୌଳବାଦ, ସାମ୍ପ୍ରଦାୟିକତା ଓ ଅସହିଷ୍ଣୁତାର ବିଷମଞ୍ଜି ବୁଣି ମହାନ୍ ଭାରତୀୟ ସମାଜର ଏକତା ଓ ଧର୍ମ ନିରପେକ୍ଷତାକୁ ବିପନ୍ନ କରୁଥିବାବେଳେ, ସଂସଦୀୟ ଗଣତନ୍ତ୍ର ଉପରେ ଆକ୍ରମଣ ଚଳାଇଛନ୍ତି। ସଂସଦୀୟ ନୀତି ନିୟମକୁ ପାଦରେ ଦଳିଦେଇ ସେମାନେ କୃଷି ଓ କୃଷକ ବିରୋଧୀ କଳା ଆଇନ ଏବଂ ଶ୍ରମିକ ବିରୋଧୀ ଲେବର କୋଡ୍‌କୁ ପାର୍ଲାମେଣ୍ଟରେ ପାଶ୍ କରାଇଛନ୍ତି। ଦେଶର ସମ୍ପତ୍ତି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦିଆଯାଉଥିବାବେଳେ ପ୍ରତିରକ୍ଷା ଶିଳ୍ପର ମଧ ଘରୋଇକରଣ କରାଯାଉଛି। ଏହା ବିରୋଧରେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ସଂଗ୍ରାମ ଚଳାଇବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ରାଜ୍ୟ ସହସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ 'ନୂଆଦୁନିଆ'ର ଭଗବତୀ ବିଶେଷାଙ୍କକୁ ଉନ୍ମୋଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ. ଅମୀୟ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସର ବୈଠକ

ଭୁବନେଶ୍ୱର (ପିଏନ୍)-ଚୌଦ୍ୱାରା - କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗ୍ରାହାଟ ସ୍ଥିତ ଲିଜର ଗାର୍ଡେନରେ ଛାତ୍ର କଂଗ୍ରେସର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ବୈଠକ ସଭାପତି ଶ୍ରୀ ଯସରାଜ ବେହେରାଙ୍କ ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଯୋଗଦେଇ କହିଥିଲେ ଯେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଦୁର୍ନୀତିର ମୂଳଉତ୍ପାଟନ ପାଇଁ ଛାତ୍ର କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ଏଠାରେ ଦୀର୍ଘ ୨୧ ବର୍ଷ ହେବ ରାଜ୍ୟ ସରକାର ବେକାର ଯୁବକଯୁବତୀମାନଙ୍କୁ ଗୋଟିଏ ବି ନିଯୁକ୍ତି ଦେଇପାରିନାହାନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ସରକାରୀ ଯୋଜନା ବାଟମାରଣ ହେଉଛି। ବିଜୁ ଜନତା ଦଳର ନେତା ଓ କର୍ମୀମାନେ ଦୁର୍ନୀତିରେ ଉବୁଟୁବୁ। ବ୍ଲକ ଓ ମ୍ୟୁନିସପାଲଟି କାର୍ଯ୍ୟାଳୟ ବିଜେଡ଼ି ଦଳର ଦଳୀୟ କାର୍ଯ୍ୟାଳୟରେ ପରିଣତ ହୋଇଛି। ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଚୌଦ୍ୱାର ଓ କଟକ ସହରରେ ବର୍ଷାଦିନର ଦୃଶ୍ୟ ଦେଖିଲେ ନବୀନ ସରକାରର ୨୧ ବର୍ଷର ରାଜତ୍ୱର ବିକାଶ ଚିତ୍ର ଦେଖିହେବ। ଏଠିକାର ନାଳ ନର୍ଦ୍ଦମା ମୁକୁଳା, ରାସ୍ତାରେ ମଇଳା ଡ୍ରେନ ପାଣି ଭାସୁଛି ଏବଂ ସହରର ରାସ୍ତା ଖାଲଖମାରେ ପୂର୍ଣ୍ଣ। ଭୋଟ ନେଲାପରେ ବିଜେଡ଼ି ନେତୃତ୍ୱ ନିର୍ବାଚନ ମଣ୍ଡଳୀର ବିକାଶ ପ୍ରତି ଧ୍ୟାନ ଦେଉ ନାହାଁନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଥିବା ପଂଚାୟତରେ ମଧ ସେହିପରି ଦୟନିୟ ଅବସ୍ଥା। ପ୍ରଧାନମନ୍ତ୍ରୀ ଆବାସ, ଭତା ବିକ୍ରି ହେଉଛି। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଯୋଗଦେଇ କହିଥିଲେ ଯେ ଏହି ନିର୍ବାଚନ ମଣ୍ଡଳୀରେ ଛାତ୍ର କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯିବ। କଂଗ୍ରେସର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ଛାତ୍ର କଂଗ୍ରେସ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ଡଃ. ବିପ୍ଳବ ଶିଳାଦିତ୍ୟ, ଦୀପକ ମହାନ୍ତି, ବିଜୟ ବେହେରା, ସାଗର ପଟ୍ଟନାୟକ, ଆଶୁତୋଷ ରାଉତ, ସାହାରୁଖ ଖାନ, ସରୋଜ ଦାସ, ସତ୍ୟଜିତ ସେଠୀ, ବିଶ୍ୱଜିତ ବେହେରା, କାର୍ତିକ ସେନାପତି, ସରୋଜ ବେହେରା, ଅନିରୁଦ୍ଧ ଦାସ, ଆଶୁତୋଷ ବରାଳ, ରାଜୀବ ମହାଁ, ହରି ପରିଡ଼ା, ସୁବାସ ସୁବୁଦ୍ଧି ରାୟ, ମୋନାଲିସା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ଆଦିବାସୀ ଓ କମ୍ୟୁନିଷ୍ଟନେତା ବସୁଦେବ ଭୋଇଙ୍କ ବିୟୋଗରେ ସିପିଆଇର ଶୋକ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାର ବିଶିଷ୍ଟ ଆଦିବାସୀ ଓ କମ୍ୟୁନିଷ୍ଟ ନେତା କମ୍ରେଡ଼ ବସୁଦେବ ଭୋଇଙ୍କ ବିୟୋଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ପ୍ରଶାନ୍ତ ମିଶ୍ର, ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ଦାଶ ଏକ ଶୋକବାର୍ତ୍ତାରେ କହିଛନ୍ତି– କଃ ବସୁଦେବ ଭୋଇ ଅଖିଳ ଭାରତ ଆଦିବାସୀ ମହାସଭାର ରାଜ୍ୟ ସମ୍ପାଦକ ଥିଲେ। ଝାରସୁଗୁଡ଼ା ଜିଲ୍ଲା କୁଶରାଲୋଇ ଗ୍ରାମପଞ୍ଚାୟତରେ ଥିବା ନିଜ ଗ୍ରାମ ଛଡ଼ା ରୋମାଠାରେ ତାଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। କଃ ବସୁଦେବ ଭୋଇ ଅବିବାହିତ ଥିଲେ। ଓଡ଼ିଶାର ବିଶିଷ୍ଟ ଜନନେତା ତଥା ଭାରତର ପ୍ରଥମ ବିସ୍ଥାପିତ ଆନ୍ଦୋଳନ ହୀରାକୁଦ ବୁଡ଼ି ଅଞ୍ଚଳର ବିସ୍ଥାପିତ ଆନ୍ଦୋଳନର ନେତା କଃ ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରେରଣାରେ ବସୁଦେବ ଭୋଇ ୧୯୭୬ ମସିହାରେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟପଦ ଗ୍ରହଣ ସହିତ ସେଇଦିନଠାରୁ ଅଢ଼ାପଡ଼ାରେ ଥିବା ପ୍ରସନ୍ନ କୁମାର ପଣ୍ଡାଙ୍କ ବାସଗୃହରେ ମୃତ୍ୟୁର କିଛିଦିନ ପର୍ଯ୍ୟନ୍ତ ରହୁଥିଲେ। ସେ ୧୯୮୦ ଓ ୯୦ ଦଶକରେ ଅଢ଼ାପଡ଼ାର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ରହିବା ସହିତ ସିପିଆଇର ଝାରସୁଗୁଡ଼ା ଜିଲ୍ଲା ସମ୍ପାଦକ ମଧ ରହିଥିଲେ। ଅଢ଼ାପଡ଼ାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ନିଷ୍ଠାପର ଓ ଲଢୁଆ ଆଦିବାସୀ ନେତା ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତା'ର ଜଣେ ସୁଦକ୍ଷ ସେନାପତିଙ୍କୁ ହରାଇଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ମମିତା ମେହେରଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ଓ କ୍ୟାଣ୍ଡେଲ ଶୋଭାଯାତ୍ରା

ରାଉରକେଲା (ପିଏନ୍): କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବ୍ଲକ୍ ଅନ୍ତର୍ଗତ ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ଅପହରଣ, ବଳାତ୍କାର ଓ ପରେ ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ଉକ୍ତ ସ୍କୁଲ ମାଲିକ ଗୋବିନ୍ଦ ସାହୁକୁ ସମସ୍ତ ସାହାଯ୍ୟ ସହଯୋଗ ଓ ସମର୍ଥନ ଦେଇଆସୁଥିବା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରିବା ସହ ଗିରଫ ଦାବିରେ ରାଉରକେଲା ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ତରଫରୁ ଉପାଧକ୍ଷ ଦିବାକର ଦୀପଙ୍କ ନେତୃତ୍ୱରେ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମହମବତୀ ଜଳାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥିଲା । ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନୁସୂଚିତ ଜାତି ବିଭାଗର କର୍ମକର୍ତ୍ତାମାନେ ପ୍ରବଳ ନାରାବାଜି କରିବା ସହ ମହିଳାମାନଙ୍କ ପ୍ରତି ସାମାନ୍ୟତମ ଦରଦ ଓ ସମ୍ମାନ ଥିଲେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁର' ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରୁ' ବୋଲି ଦାବି କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଶତାଧିକ କର୍ମକର୍ତ୍ତା ଯୋଗ ଦେଇ ରାଜ୍ୟ ବିଜେଡି ସରକାରର ଏକ ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ ଚାଲିଥିବା ଏଭଳି ବ୍ୟଭିଚାର ଘଟଣାକୁ ଘଣ୍ଟ ଘୋଡାଉଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ସୁରକ୍ଷା ଦେବା ଘଟଣାର ତୀବ୍ର ନିନ୍ଦା କରିଥିଲେ । ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ର ବିଭିନ୍ନ ସମୟରେ ଉକ୍ତ ଶିକ୍ଷାନୁଷ୍ଠାନକୁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟମାନଙ୍କୁ ଅତିଥି ଭାବେ ନେଇ ବେଆଇନ୍ ଭାବେ ବିପୁଳ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ଏହି ସମୁଦାୟ ଘଟଣାର ସିବିଆଇ ତଦ' ପାଇଁ ଅନୁସୂଚିତ ଜାତି ବିଭାଗ କର୍ମକର୍ତ୍ତାମାନେ ଦାବି କରିଥିଲେ । ଯେ ପର୍ଯ୍ୟ' ଦିବ୍ୟଶଙ୍କରଙ୍କୁ ବରଖାସ୍ତ କରାଯାଇ ଗିରଫ କରାନଯାଇଛି ସେ ପର୍ଯ୍ୟ' ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ ବୋଲି ଅନୁସୂଚିତ ଜାତି ବିଭାଗ ତରଫରୁ ଘୋଷଣା କରାଯାଇଛି । ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶା' ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଜିଲ୍ଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ଜିଲ୍ଲା ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ବିକାଶ ସୁନା, କୈଳାସ ତ'ୀ, ଶ୍ୟାମ ସାଗର, ଶ୍ରୀକା' ଟିଗା, ସୁମନ କୁମାର ନାୟକ, ଲକ୍ଷ୍ମୀକା' ମାଝି, ସନ୍ଦୀପ ନାୟକ, ମୃତ୍ୟୁୟ ରାୟ, ରୋହିତ ନାଗ, ସିଦ୍ଧାର୍ଥ ଦୀପ, ଲକି ସିଂ ପ୍ରମୁଖଙ୍କ ସେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରାପଡା ବ୍ଲକ ପରିସରରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ ହୋଇଥିବା ନେଇ କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ସରପଞ୍ଚଙ୍କ ସ୍ୱାମୀ ଅନନ୍ତ ପ୍ରସାଦ ମଳିକ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ସରପଞ୍ଚଙ୍କ ପ୍ରତିନିଧି ଭାବେ କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଏକ ରାସ୍ତା କାମ ବିଷୟରେ ବୁଝିବାକୁ ଗତ ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟା ୩୦ ସମୟରେ ଆସିଥିଲେ। ବିଡିଓଙ୍କର କିଛି ଜରୁରୀ କାର୍ଯ୍ୟ ଥିବାରୁ ସେ ଅପେକ୍ଷା କରିବାକୁ ତାଙ୍କୁ କହିଥିଲେ। ଏହି ସମୟରେ ଚାରିଗାଁ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ସତ୍ୟପ୍ରିୟ ମହାନ୍ତି କୌଣସି କଥାକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ବ୍ଲକ ପରିସରରେ ପହଞ୍ଚି ଜିଆରଏସ୍ ସତ୍ୟପ୍ରିୟ ମହାନ୍ତିଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ସ୍କର୍ପିଓ ଧକ୍କାରେ ଠିକାସଂସ୍ଥା କର୍ମଚାରୀଙ୍କ ମୃତ୍ୟୁ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କୋଟପୁର ପଂଚାୟତ ଭଗବାନପୁର ଗ୍ରାମର ତାରାକାନ୍ତ ଜେନା (୫୧)ଙ୍କ ଏକ ସ୍କର୍ପିଓ ଧକ୍କାରେ ମୃତ୍ୟୁ ଘଟିଛି । ମୃତ ତାରାକାନ୍ତ କୋଟପୁର ଗ୍ରାମର ଜଣେ ଠିକାଦାରଙ୍କ କର୍ମଚାରୀ ବୋଲି ଜଣାପଡିଛି । ପ୍ରକାଶ ଯେ, ତାରାକାନ୍ତ ଗତ ଶୁକ୍ରବାର ରାତି ପ୍ରାୟ ୯ଟାରେ ଏକ କାର୍‌ରେ କଟକରୁ ଘରକୁ ଫେରୁଥିବା ସମୟରେ ମଙ୍ଗୁଳି ଛକ ନିକଟରେ ଅଟକିଥିଲେ । କାର୍‌ରୁ ଓହ୍ଲାଇ ସେ ଅପର ପାର୍ଶ୍ୱକୁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା । ଗୁରୁତର ଅବସ୍ଥାରେ ତାରାକାନ୍ତଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏଏମ୍‌ସ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାରାକାନ୍ତଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ମୃତଦେହ ତାଙ୍କ ଗାଁରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି ।

# ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସହ କେନ୍ଦ୍ରାପଡା ବିଧାୟକଙ୍କ ସିଧାକଥା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଉର୍ଦ୍ଦୁ ପାଠାଗାର ପରିସରରେ ଗତ ଶନିବାର ଅପରାହ୍ନରେ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ସହିତ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ସିଧା କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉର୍ଦ୍ଦୁ ପାଠାଗାର ପରିଚାଳନା ସମିତି ସଦସ୍ୟ ସୟଦ ଅକମଲ ଅଲ୍ଲୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଯୋଗଦେଇ କେନ୍ଦ୍ରାପଡା ଉର୍ଦ୍ଦୁ ପାଠାଗାର କିଭଳି ଏକ ଆଦର୍ଶ ପାଠାଗାର ଭାବେ ସ୍ୱୟଂସଂପୂର୍ଣ୍ଣ ହୋଇ କାର୍ଯ୍ୟ କରିବ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ଠାରୁ ସିଧାସଳଖ ପ୍ରସ୍ତାବ ଆହ୍ୱାନ କରିଥିଲେ। ଉପସ୍ଥିତ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନେ ଯଥାଶୀଘ୍ର ଉର୍ଦ୍ଦୁ ପାଠାଗାର କାର୍ଯ୍ୟକ୍ଷମ ହେବା, ଇ-ପାଠାଗାର ବ୍ୟବସ୍ଥା କରାଯିବା, ଆବଶ୍ୟକ ପୁସ୍ତକ ରଖାଯିବା, କ୍ରୀଡା ସମ୍ପର୍କିତ ପୁସ୍ତକ ପାଠାଗାରରେ ସ୍ଥାନ ପାଇବା ପ୍ରଭୃତି ପ୍ରସ୍ତାବ ମାନ ଦେଇଥିଲେ। ସେଠାରେ ଉପସ୍ଥିତ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୩ ବିଜ୍ଞାନ ଛାତ୍ରୀ ସୟଦା ସିଦରାତୁନ ମୁନତେହା କେନ୍ଦ୍ରାପଡା କଲେଜର ବିଜ୍ଞାନଗାରକୁ ସ୍ୱୟଂସଂପୂର୍ଣ୍ଣ ପାଇଁ ଆବଶ୍ୟକ ଉପକରଣର ବ୍ୟବସ୍ଥା ସହ କଲେଜ ପାଠାଗାରରେ ଆବଶ୍ୟକ ବିଜ୍ଞାନ ପୁସ୍ତକ ରଖାଯିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଶ୍ରୀ ବେହେରା ଏଥିପ୍ରତି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବିଧାୟକ କେନ୍ଦ୍ରାପଡା ଉର୍ଦ୍ଦୁ ପାଠାଗାରକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ସହ ସେଠାରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏଥିସହିତ ପାଠାଗାରରେ ଏକ ଉର୍ଦ୍ଦୁ ଶିକ୍ଷା କେନ୍ଦ୍ର ମଧ ଖୋଲାଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ। କେନ୍ଦ୍ରାପଡାର ଏକମାତ୍ର ବାଳିକା ମଦ୍ରାସାର ସର୍ବାଙ୍ଗିନ ବିକାଶ ପାଇଁ ସେ ପ୍ରତିଶୃତି ବଦ୍ଧ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡଃ. ହୁସେନ ରବି ଗାନ୍ଧୀ ଅତିଥି ଭାବେ ଯୋଗଦେଇ ଆଜିର ଯୁଗରେ ଉର୍ଦ୍ଦୁ ଶିକ୍ଷା ସହିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ହାସଲ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉର୍ଦ୍ଦୁ ଶିକ୍ଷାର ବିକାଶ କ୍ଷେତ୍ରରେ ବିଧାୟକ ଶ୍ରୀ ବେହେରାଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ) ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଜେଡି ଯୁବନେତା ମହମ୍ମଦ ମୀର ଅମୀର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ମୁସରଫ ରଜା, ମୌଲାନା ଖୁରସିଦ, ମୌଲାନା ତବରେଜ, ମୌଲାନା ସେକ ଇଲାହିବକ୍ସ, ଲିଆକତ ଅଲ୍ଲୀ(ନସ୍ଟୁ),ସେକ ଇଦ୍ରିସ ଅଲ୍ଲୀ, ମହମ୍ମଦ ଅସଗର ଅଲ୍ଲୀ, ମହମ୍ମଦ ଫାୟାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରକିବୁର ରହେମାନ, ସେକ ନସିମଉଦ୍ଦିନ, ମହମ୍ମଦ ଅକ୍ରମ ଖାଁ, ସେକ ମହମ୍ମଦ ଗୟାସଉଦ୍ଦିନ, ସେକ ବରକାତୁଲ୍ଲା, ମହମ୍ମଦ ଜଲାଲଉଦ୍ଦିନ, ଚାନ୍ଦ ଖାନ, ଟିକି ବାବୁ, ସେକ ସରାଫତ, ସେକ ଗୋଫ୍ରାନ ପ୍ରମୁଖ ସହଯୋଗ କରିଥିଲେ।




## ନଭେମ୍ବର ୧ରୁ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର:୨୦୨୧ -୨୫ ବର୍ଷ ନିମନ୍ତେ ନଭେମ୍ବର ୧ ତାରିଖରୁ କଂଗ୍ରେସ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଲେ ଯେ ଆସନ୍ତା ୧ ତାରିଖ ଦିନ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲା କୁମାର ରାଜ୍ୟସ୍ତରୀୟ କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବଶ୍ୱାଳ, ସମସ୍ତ ବିଧାୟକ ଓ ସାଂସଦ ଗଣ, ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହିବେ। ସମଗ୍ର ରାଜ୍ୟରେ ୧୦ ଲକ୍ଷ ନୂତନ ସଭ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବାବୁ ସୂଚନା ଦେଇଥିଲେ। ସେହିପରି ବଲାଙ୍ଗିରର ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସଂପୃକ୍ତିକୁ ନେଇ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ବ୍ୟାପି ବିକ୍ଷୋଭ ଏବଂ ମନ୍ତ୍ରୀଙ୍କର ଇସ୍ତଫା ଦାବି କରାଯାଉଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ।

## ସତର୍କତା ସଚେତନତା ସପ୍ତାହ: ପୂର୍ବତଟ ରେଳପଥ ପକ୍ଷରୁ ସତ୍ୟନିଷ୍ଠା ଓ ଆତ୍ମନିର୍ଭରତା ସମ୍ବନ୍ଧରେ ପାଠଚକ୍ର

ଭୁବନେଶ୍ୱର : ସତର୍କତା ଜାଗରଣ ସପ୍ତାହ ପାଳନ ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟାଳୟ ଠାରେ 'ସ୍ୱତନ୍ତ୍ର ଭାରତ ଆଟ୍ ୭୫: ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା' ସମ୍ବନ୍ଧରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର କର୍ମକ୍ଷେତ୍ରରେ ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା ଅନୁକରଣ କରିବାକୁ ଗୁରୁତ୍ୱାରୋପ କରିଥିଲେ ।ଅତିଥି ବକ୍ତା ଭାବରେ ଆମନ୍ତ୍ରିତ ବିଶିଷ୍ଟ ସାମ୍ବାଦିକ ଅଶୋକ ପଣ୍ଡା ଆମର ଦୈନନ୍ଦିନ ଜୀବନରେ ଅଖଣ୍ଡତା ଏବଂ ସଚ୍ଚୋଟତାର ଗୁରୁତ୍ୱ ଉପରେ କହିଥିଲେ। ସେ ଅଖଣ୍ଡତା ସହିତ ଆତ୍ମନିର୍ଭରଶୀଳତାର ସଂଜ୍ଞା, ଆମର କାର୍ଯ୍ୟରେ ଏହାର ପ୍ରଭାବ ଏବଂ ଆମର ଦୈନନ୍ଦିନ ଜୀବନରେ ଏହାକୁ କିପରି ଅନୁସରଣ କରିବେ ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ ।ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ବଭାଗୀୟ ଅଧିକାରୀ ମାନଙ୍କ ସହିତ ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ଭାରତ ଆଟ୍ ୭୫: ସତ୍ୟ ନିଷ୍ଠରୁ ଆତ୍ମନିର୍ଭରତା ଅନୁସରଣ କରିବା ସହିତ ଜଣେ ବ୍ୟକ୍ତି କିପରି ଇଚ୍ଛାଠାରୁ ଉର୍ଦ୍ଧ୍ୱରେ ରହିପାରିବେ ସେ ବିଷୟରେ କହିଥିଲେ ।ଏହାପୂର୍ବରୁ, ପୂର୍ବ ତଟ ରେଳ ବିଭାଗର ସତର୍କତା ବିଭାଗ ପକ୍ଷରୁ ଏହାର ସମସ୍ତ ଭାଗିଦାରୀ, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ କଥୋପକଥନ ଅଧିବେଶନ ଆୟୋଜନ କରିଛି ଯାହାଦ୍ୱାରା ଗ୍ରାହକ ମାନଙ୍କ ସହିତ ଉତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା ଯାହାକି ଉଭୟ ରେଳବାଇ ଓ ଶିଳ୍ପ ସଂସ୍ଥା ମାନଙ୍କ ସହିତ ସ୍ୱଚ୍ଛତା ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ ଏବଂ ଉଭୟ ହିତାଧିକାରୀ ଓ ରେଳବାଇର ଅଭିବୃଦ୍ଧିରେ ସହାୟକ ହେବ ।ବିଭିନ୍ନ ଶିଳ୍ପ ସଂସ୍ଥା ପରି ହିତାଧିକାରୀ ଏବଂ ରେଳ ଉପଭୋକ୍ତା ଯଥା ଇସ୍ପାତ କାରଖାନା, ବନ୍ଦର, ଯୋଗାଣକାରୀ, ବ୍ୟାଙ୍କ ଏବଂ କଂଟ୍ରାକ୍ଟରଙ୍କ ପ୍ରତିନିଧୀମାନେ ଏହି ଇଂଟରାକ୍ଟିଭ୍ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମୂଲ୍ୟବାନ ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ ।

## ପଇସା ଦେଇ ଭୋଟ୍ ହାତେଇବାକୁ ବିଜେଡି ପ୍ରଶିକ୍ଷଣ ଶିବିରରେ ଆଲୋଚନା ହେଉଛି : ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର : କେବଳ ନିର୍ବାଚନରେ ବିଜେଡ଼ି ଦଳ ପାଇଁ ଭୋଟ କିଣିବା ଛଡ଼ା ଯୁବ ବିଜେଡ଼ି ପାଖରେ ଅନ୍ୟ କୌଣସି ଶିକ୍ଷା ନାହିଁ। ପଂଚାୟତ / ପୌର ନିର୍ବାଚନରେ କିପରି ପଇସା ଦେଇ ଭୋଟ ହାତେଇବାକୁ ପଡ଼ିବ ସେ ବିଷୟରେ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିଲା ବୋଲି ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଅଭିଯୋଗ କରିଛନ୍ତି ।ଯୁବ ବିଜେଡ଼ିର ପ୍ରଶିକ୍ଷଣ ଶିବିର ଉପରେ ପତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ପେଟ୍ରୋଲ ଓ ଡିଜେଲ ବୃଦ୍ଧିରେ ନୀବନ ସରକାର ଏକ ଅଂଶ ହୋଇଥିବା ବେଳେ କେବଳ ବିଜେପି ମୁଣ୍ଡରେ ଦୋଷ ଲଦି ଜନତାଙ୍କୁ ଭୂଆଁ ବୁଲାଉଛି। ମାତ୍ର ଏହି ଶିବିରରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଁ ନିଜ କଥାକୁ ଲୁଚାଇ କେବଳ କେନ୍ଦ୍ର ଦୋଷ କିପରି ଦେଇ ହେବ ତାର ଶିକ୍ଷା ଦିଆଯାଇଛି। ଏହି ପ୍ରସଙ୍ଗରେ ଯୁବ ବିଜେଡ଼ି ଦିନେ ହେଲେ ବି ରାସ୍ତାକୁ ଓହ୍ଲାଇ ନାହିଁ। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ଫଳରେ ଆଜି ଏପରି ଅବସ୍ଥା। ଏହାକୁ ନବୀନ ସରକାର ବିରୋଧ କରି ନାହାନ୍ତି। କୃଷକଙ୍କ କେନ୍ଦ୍ର ବିରୋଧୀ ଆନ୍ଦୋଳନ ସଂପର୍କରେ ମଧ୍ୟ ଏହି ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଛି ମାତ୍ର ଏହି କୃଷକ ଆନ୍ଦୋଳନକୁ ଚପେଇ ଦେବା ପାଇଁ ଚକ୍ରାନ୍ତ କରୁଥିବା ମୋଦି ସରକାରଙ୍କୁ ନବୀନ ସରକାର ସମର୍ଥନ କରୁଛନ୍ତି। ସୁତରାଂ ପଂଚାୟତ / ପୌର ନିର୍ବାଚନରେ କିପରି ଅର୍ଥ ବିନିମୟରେ ଭୋଟ ଆଣିହେବ ତାର ଆଲୋଚନା ସେଠାରେ ହୋଇଥିଲା। ୨୧ ବର୍ଷ ଭିତରେ ବିଜେଡ଼ି ଓଡ଼ିଶାର ଦାରିଦ୍ର୍ୟ, ବେକାରୀ, ନାରୀ ନିର୍ଯ୍ୟାତନା ଓ ଦୁଷ୍କର୍ମ, ଦୁର୍ନୀତି ଓ ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ ଦେୟ, କୃଷକ ସମସ୍ୟା, ଅପପୃଷ୍ଟି, ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀ କରଣ ଓ ସରକାରୀ ଶିକ୍ଷାର ଅଧୋଗତି ଏବଂ ପ୍ରଶାସନରେ ଦୁର୍ନୀତି ପ୍ରସଙ୍ଗରେ ଦିନେ ହେଲେ ମୁହଁ ଖୋଲି ନାହାନ୍ତି। ପ୍ରାକୃତିକ ଦୁର୍ବିପାକରେ ଯୁବ ବିଜେଡ଼ିର ଦେଖା ମିଳିନାହିଁ। କେବଳ ନିର୍ବାଚନ ସମୟରେ ଏବଂ ଦଳୀୟ ର୍‍ୟାଲିରେ ଯୁବ ବିଜେଡ଼ିର ଉପସ୍ଥିତି ଥାଏ। ଓଡ଼ିଶାର ସାଧାରଣ ଜନତା ଓ ଓଡ଼ିଶାର ଯୁବକ ମାନଙ୍କର ସମସ୍ୟା ପ୍ରସଙ୍ଗରେ ଯୁବ ବିଜେଡ଼ି ନୀରବ ରହିଥାଏ। ଏଣୁ ପୁରୀ ଠାରେ ହୋଇଥିବା ଯୁବ ବିଜେଡ଼ିର ପ୍ରଶିକ୍ଷଣ ଶିବିର ଏକ ପିକ୍‌ନିକ୍ ଛଡ଼ା ଆଉ କିଛି ନୁହେଁ ବୋଲି ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି।

## ୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି। ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

## ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିଆ ଗ୍ରାମର ୩ଜଣ ବ୍ୟକ୍ତି ଏକ ଠକ ସଂସ୍ଥା ଗଠନ କରି ମହିଳା ମାନଙ୍କ ଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସେହି ଗ୍ରାମର ମମତା ରାଉତ , ସୁମିତ୍ରା ସ୍ୱାଇଁ, ବାସନ୍ତୀ ନାୟକ , ମମତା ଗାହାଣ, ନୟନା ସ୍ୱାଇଁ, ଅର୍ଚ୍ଚନା ଗାହାଣ, ରୁବିନା ରାଣୀ ରାଉତ ଓ ମୀନତି ନାୟକ ପ୍ରମୁଖ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ ପତ୍ର ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ବସୁପୁର ଗ୍ରାମର ଅକ୍ଷୟ କୁମାର ମଲିକ, ସରୋଜିନୀ ମଲିକ ଓ ଅଶ୍ୱିନି ମଲିକ ଏକ ଜାଲ୍ ସଂସ୍ଥା ଗଠନ କରି ଟଙ୍କା ଲଗାଇ ଅଧିକ ଲାଭ ପାଇବା ପାଇଁ ମହିଳା ମାନଙ୍କୁ ପ୍ରଲୋଭିତ କରିଥିଲେ। ଏହି ମହିଳା ମାନେ ପ୍ରାୟ ୧୩ ଲକ୍ଷ ଟଙ୍କା ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦେବାପରେ ସେମାନେ ଆଉ ଟଙ୍କା ପରିଶୋଧ କରିବାର ନାମ ଧରୁ ନାହାଁନ୍ତି । ଏନେଇ ପୂର୍ବରୁ ମହାକାଳପଡା ଥାନାରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପୋଲିସ ନାମକୁ ମାତ୍ର ୧୯୩/୨୦ରେ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏଣୁ ମହିଳା ମାନେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହିତ ତାଙ୍କର ଟଙ୍କା ଆଦାୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିକଟରେ ଦାବି କରିଛନ୍ତି ।

## ୧୯ ଲିଟର ବିଦେଶୀ ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା, (ପିଏନ)-କୋଭିଡ-୧୯ କଟକଣା ଲାଗୁ ହୋଇଥିବା ବେଳେ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟକୁ ଜୋରଦାର ବଢାଇ ଦେଇଛନ୍ତି । କେତେକ ବ୍ୟବସାୟୀ ଭ୍ରାମ୍ୟମାଣ ମଦ ଦୋକାନ ଖୋଲି ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଓ ଅବକାରୀ ସୁପରିଟେଣ୍ଡ ବାସନ୍ତୀପ୍ରଭା ନାୟକଙ୍କ ତତ୍ୱାବଧାନରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଜବତ କରିଥିବା ଜଣା ପଡିଛି । ଗିରଫ ଆସାମୀ ମାନେ ଚାନ୍ଦୋଳର ଧିରେନ୍ ମଲିକ(୫୨) , ନରିଲୋ ଗାଁର ଗୋକୁଳାନନ୍ଦ ଜେନା(୪୫) ଓ ଗୁଲନଗର ଗ୍ରାମର ଜଳଧର ସେଠୀ (୩୩)ଙ୍କୁ ପିଆର କେସ୍ ନଂ-୭/୨୦,୮/୨୦ ଓ ୯/୨୦ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

## ଭାଗବତପୁର ପଂଚାୟତରେ ବୃକ୍ଷ ରୋପଣ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତର ସିଙ୍ଗିରୀ ଗ୍ରାମ, ବାଲିଆ ତରାପୁର ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ରେ ବୃକ୍ଷ ରୋପଣ କରାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ବିଡିଓ ସୁଧିର ସିଂ ସମ୍ମାନିତ ଅତିଥି, ସରପଂଚ ଧରଣୀଧର ବେହେରା, ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ କେନ୍ଦ୍ରାଡା ବ୍ଲକ ଅଧିନ ପ୍ରାୟ ୧୫୦ କିମି ରାସ୍ତା କଡରେ ବୃକ୍ଷ ରୋପଣ କରାଯିବ ବୋଲି ପଂଚାୟତ କାର୍ଯ୍ୟ ନିର୍ବହୀ ଅଧିକାରୀ ଦିପକ ସାମନ୍ତରାୟ , ଜିଆରଏସ ଲିପିକା ଅଗ୍ନିହୋତ୍ରୀ ପ୍ରମୁଖ ସୂଚନା ଦେଇଥିଲେ।

## ଦକ୍ଷତା ତାଲିମ ଅନୁଷ୍ଠାନ ପରିଦର୍ଶନ କଲେ ସୁବ୍ରତ ବାଗ୍‌ଚୀ

ଭୁବନେଶ୍ୱର: ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଭୁବନେଶ୍ୱରସ୍ଥିତ ଟେକ୍‌ସ୍ୱର ମାନେଜମେଂଟ ସରଭିସେସ ପ୍ରାଇଭେଟ୍ ଲିମିଟେଡ୍ ସ୍କିଲ ପ୍ରଶିକ୍ଷଣ ସଂସ୍ଥା ପରିଦର୍ଶନରେ ଯାଇଥିଲେ। ଏଠାରେ ସଂକଳ୍ପ ଯୋଜନାରେ ଦକ୍ଷତା ତାଲିମ ନେଉଥିବା ଯୁବକଯୁବତୀଙ୍କ ସହ ସେ ଆଲୋଚନା କରିଥିଲେ ।ଶ୍ରୀ ବାଗ୍‌ଚୀ ତାଲିମ ଅନୁଷ୍ଠାନର ଭିତିଭୂମି ଦେଖିବା ସହ ପ୍ରଦାନ କରାଯାଉଥିବା ତାଲିମ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ, ପିନାକୀ ପଟ୍ଟନାୟକ ଏବଂ ଟେକ୍‌ସ୍ୱର ମାନେଜମେଂଟ ସରଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅଜିତ ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ। ସୂଚନା ଥାଉ କି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ଢେଙ୍କାନାଳ ଜିଲ୍ଲାର ୩୭ ଜଣ ଯୁବକଯୁବତୀ "ସଂକଳ୍ପ" ଯୋଜନାରେ ଏଠାରେ ସୁରକ୍ଷା ସେବା ପ୍ରଦାନ ତାଲିମ ନେଉଛନ୍ତି । ସଂକଳ୍ପ ଯୋଜନା ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରାଳୟର ଜୀବିକା ପ୍ରୋତ୍ସାହନ ପାଇଁ ଦକ୍ଷତା ହାସଲ ଏବଂ ଜ୍ଞାନ ସଚେତନତା ପ୍ରଦାନ ଭିତିକ ଏକ କାର୍ଯ୍ୟକ୍ରମ ଅଟେ। ଏହା ମାଧ୍ୟମରେ ଗୁଣାତ୍ମକ ଏବଂ ପରିମାଣିକ ଭାବେ ଉନ୍ନତ ମାନର ସ୍ୱଳ୍ପ ମିଆଦି ଦକ୍ଷତା ତାଲିମ ପ୍ରଦାନ କରାଯାଇଥାଏ।

## ପାଟକୁରାର ନୂଆପଡା ବଜାରରେ ଗ୍ୟାଙ୍ଗୱାର



କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ନୂଆପଡ଼ା ବଜାରରେ ଗୁରୁବାର ସନ୍ଧ୍ୟାରେ ଗ୍ୟାଙ୍ଗୱାର ହୋଇଥିବା ସୂଚନା ମିଳିଛି। ଦୁଇଟି ଗୋଷ୍ଠି ମଧ୍ୟରେ ହୋଇଥିବା ଏହି ଗ୍ୟାଙ୍ଗୱାରରେ ବନ୍ଧୁକ ଫୁଟିବାରୁ ଉଭୟ ଗୋଷ୍ଠୀର ୩ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିବା ସ୍ଥାନୀୟ ସୂତ୍ରରୁ ସୂଚନା ମିଳିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। କିନ୍ତୁ ମୃତକଙ୍କ ଶବ ମିଳିନାହିଁ। ଆହତ ୩ଜଣ ହେଉଛନ୍ତି ବୈଦ୍ୟନାଥ ମହାପାତ୍ର, ପ୍ରତାପ ସାହୁ ଓ ବିଭୁ ସାହୁ। ଉଭୟ ଗୋଷ୍ଠି ପକ୍ଷରୁ ମୃତ ଓ ଆହତଙ୍କୁ କେଉଁଆଡେ ନେଇ ଫେରାର ହୋଇ ଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣା ପରେ ନୂଆବଡ଼ା ବଜାରରେ ଥିବା ଦୋକାନ ବଜାର ସବୁ ବନ୍ଦ ହୋଇଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଭୁ ସାହୁ ନାମକ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ନିକଟରେ ଜେଲରୁ ଜାମିନରେ ମୁକୁଳିଥିଲା। ବିଭୁର ଘର ପାଟକୁରା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ବୋଲି ପୋଲିସ କହିଛି। ବିଭୁ ଓ ତାର ଦୁଇ ଜଣ ସହଯୋଗୀ ସନ୍ଧ୍ୟା ପ୍ରାୟ ୬ଟା ବେଳେ ନୂଆପଡ଼ା ବଜାରରେ ଛିଡା ହୋଇଥିଲେ। ସେହି ସମୟରେ ବିପକ୍ଷ ଗୋଷ୍ଠୀର ଯୁବକମାନେ ସେଠାରେ ପହଞ୍ଚିବାରୁ କୌଣସି କଥାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ଉଭୟ ଗୋଷ୍ଠୀ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ୩ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇ ଯାଇଥିବା ସ୍ଥାନୀୟ ଲୋକେ କହିଥିଲେ। ହେଲେ ଏହି ଗୋଷ୍ଠୀର ଯୁବକମାନେ ଗୁରୁତର ଯୁବକ ଓ ମୃତକଙ୍କୁ କେଉଁଆଡେ ନେଇ ପଳାଇଥିଲେ। ଘଟଣା ସ୍ଥଳରେ ହଳେ ଚପଲ ଓ ରକ୍ତ ପଡିଥିବା ଦେଖାଯାଇଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଅଦ୍ୟାବଧି କୌଣସି ଗୋଷ୍ଠୀର ଯୁବକଙ୍କୁ ପୋଲିସ ଧରି ପାରି ନାହିଁ। ରିପୋର୍ଟ ଲେଖାଯିବା ବେଳକୁ ଜଣେ ଆହତକୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ସୁରେଶ ସମାବେଶ ରେ ସୂର୍ଯ୍ୟ ଦେଓ ସମ୍ମାନିତ

ଭୁବନେଶ୍ୱର : ବହୁଦ ର୍ଶୀ ପ୍ରତିଭାବାନ୍ ବ୍ୟକ୍ତି ସ୍ମର ଣୀୟ ପଥପ୍ରଦର୍ଶକ ହୋଇ ରୁହନ୍ତି ବୋଲି ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଉଲ୍ଲେଖ କରିଛନ୍ତି । ସାହିତ୍ୟିକ, ନାଟ୍ୟକାର, ଲୋକସଂସ୍କୃତି ବିଶାରଦ, ଅନୁବାଦକ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଆୟୋଜିତ 'ସୁରେଶ ସମାବେଶ'ରେ ଯୋଗଦେଇ ଶ୍ରୀ ପଣ୍ଡା ଜଣେ ନିତ୍ୟସନ୍ଧିତ୍ସୁ ଭାବରେ ସୁରେଶଙ୍କୁ ବର୍ଣ୍ଣନା କରିଥିଲେ ।ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ-ଗବେଷକ ସୂର୍ଯ୍ୟ ଦେଓଙ୍କୁ ସୁରେଶ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା । ଫାଉଣ୍ଡେସନ୍ ର ଅଧ୍ୟକ୍ଷ ଡ. ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ବକ୍ତା ଭାବରେ ଉପସ୍ଥିତ ଥିଲାବେଳେ ବିଶିଷ୍ଟ ପ୍ରାବନ୍ଧିକ ଓ ଗବେଷକ ଡ. ଅଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ 'ଜୀବନଚକ୍ର ଓ ଲୋକସଂସ୍କାର' ପ୍ରସଙ୍ଗରେ ଭିତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଫାଉଣ୍ଡେସନ୍ ର ସମ୍ପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ସଂଗଠନର ବିବରଣୀ ପାଠ କରିଥିଲେ ଓ ଡ. ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିଲେ । ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ପ୍ରଥମେ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚନା ସଂକଳନ 'ଲୋକବିଦ୍ୟା' ଓ ସୁରେଶ ବଳବନ୍ତରାୟଙ୍କ ଲିଖିତ 'ମାଧବ ଦାସର ସୁଆଙ୍ଗ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁବୋଧ ପଟ୍ଟନାୟକ, ହରେନ୍ ସାହୁ, ରକ୍ଷକ ନାୟକ, ପରେଶ ପଟ୍ଟନାୟକ, ଡ. ଅଜୟ ସ୍ୱାଇଁ, ଛନ୍ଦା ମିଶ୍ର, ସୂର୍ଯ୍ୟ ମିଶ୍ର, ନେତାଜୀ ଅଭିନନ୍ଦନ, ବାଦଲ ମହାନ୍ତି, କେଦାର ମିଶ୍ର, ପ୍ରଫୁଲ୍ଲ ଧୀର, ରାମହରି ଜେନା, ମଧୁମିତା ମହାନ୍ତି, ଡ. ରଜନୀ ରଞ୍ଜନ, ବନୋଜ ତ୍ରିପାଠୀ, ରୁନା ପଣ୍ଡା ଓ ସଂଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Friday October 29, 2021 ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୨୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ନିର୍ଭୟା ପରି ମମିତା ମେହେର ହତ୍ୟାକାଣ୍ଡ ଅତ୍ୟନ୍ତ ନୃଶଂସ ଓ ହୃଦୟ ବିଦାରକ:ରଣଦୀପ ସୂର୍ଯ୍ୟେୱାଲା



ଭୁବନେଶ୍ୱର, (ପି.ଏନ): ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ ତଥା ମୁଖ୍ୟ ପ୍ରବକ୍ତା ଶ୍ରୀ ରଣଦୀପ ସୂର୍ଯ୍ୟୱାଲା, ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ ଓଡ଼ିଶା ପ୍ରଭାରୀ ତଥା ଡ. ଏ ଚେଲା କୁମାର, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ, ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, କଂଟାବା ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା, ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ଅନ୍ୟତମ ଏଆଇସିସି ସଂପାଦକ ତଥା ଜାତୀୟ କଂଗ୍ରେସ ମିଡ଼ିଆ ବିଭାଗର ମୁଖ୍ୟ ସଂଯୋଜକ ଶ୍ରୀ ପ୍ରଣବ ଝା, ପ୍ରଦେଶ କଂଗ୍ରେସ ମିଡ଼ିଆ ବିଭାଗ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା, ଆବାହକ ଶ୍ରୀ ସତ୍ୟପ୍ରକାଶ ନାୟକ, ପିସିସି ଉପସଭାପତି ଶ୍ରୀ ଶିବାନନ୍ଦ ରାୟ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ଉପସ୍ଥିତିରେ ଆଜି କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୂର୍ଯ୍ୟେୱାଲା ଓଡ଼ିଶାର ମମିତା ମେହେରଙ୍କ ଘଟଣା ଦ୍ୱିତୀୟ ନିର୍ଭୟା ଘଟଣା ବୋଲି କହିଥିଲେ। ସେ କହିଥିଲେ ଯେ ଯେତେବେଳେ ଗୃହମନ୍ତ୍ରୀଙ୍କ ଉପରେ ଆରୋପ ସେତେବେଳେ ଯାଂଚ କରିବ କିଏ ଓ ନ୍ୟାୟ ଦେବ କିଏ ?ଭଗବାନ ଜଗନ୍ନାଥଙ୍କ ପବିତ୍ର ଭୂମି ଓଡ଼ିଶାକୁ ନବୀନ ପଟ୍ଟନାୟକ ସରକାର ହତ୍ୟାକାରୀ, ବଳାତ୍କାରୀ ଓ ଅପରାଧି ମାନଙ୍କୁ ସୁରକ୍ଷା ଦଉଛନ୍ତି। କେବଳ ଯେ ବିଜେଡ଼ି ଶାସନ ଅପରାଧିଙ୍କୁ ସୁରକ୍ଷା ଦେଉଛନ୍ତି ତାହା ନୁହେଁ ଅଧିକନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ରାଷ୍ଟ୍ରମନ୍ତ୍ରୀ ଉପରେ ଅଙ୍ଗୁଳି ନର୍ଦ୍ଦେଶ କରୁଛି। ବିଜେଡି ସରକାରର ପୃଷ୍ଠପୋଷକ ଅପରାଧ ଏକି ବ୍ୟାପରରେ ପରିଣତ ହେଉଛି। ମୁଖ୍ୟମନ୍ତ୍ରୀ ମହାଶୟ ସାମନାକୁ ଆସନ୍ତୁ ଓ ଜନତାଙ୍କୁ ଜବାବ ଦିଅନ୍ତୁ। ପୀଡ଼ିତା ମମିତା ମେହେରଙ୍କ ଭାଇଙ୍କୁ ସରକାରୀ ଚାକିରୀ ଓ ପରିବାରକୁ ୧ କୋଟି ଟଙ୍କାର ଆର୍ଥିକ ସହାୟତା ଦେବାକୁ କଂଗ୍ରେସ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ, ଶ୍ରୀଯୁକ୍ତ ମନୋରନ ଦାଶ, ଡଃ ଗୋବିନ୍ଦ ଭୂୟାଁ, ମନୋଜ ମହାପାତ୍ର, ରଜୀନ ମହାନ୍ତି, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ପ୍ରଶାନ୍ତ ଶତପଥି, ଅମୀୟ ପାଣ୍ଡବ, ପିସିସି ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ଶ୍ରୀ ଅଭିଶେଷ ମହାନନ୍ଦ, ସୁଦର୍ଶନ ଦାସ ଏବଂ ପିସିସି ଗଣମାଧ୍ୟମର ମୁଖ୍ୟ ସଂଯୋଜକ ଶ୍ରୀଯୁକ୍ତ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଖଣ୍ଡପଡ଼ା : ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗୁରୁବାର ଗଠନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ସାମ୍ବାଦିକ ସରୋଜ କୁମାର ଚୌଧୁରୀ ଓ ଉପାଧ୍ୟକ୍ଷ ଭାବେ ସଂଘମିତ୍ରା ପ୍ରଧାନ ସର୍ବସମ୍ମତି ପ୍ରସ୍ତାବକ୍ରମେ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସନ୍ତା ୩ ବର୍ଷ ପାଇଁ ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟ କରିବ ବୋଲି ପ୍ରଧାନଶିକ୍ଷୟତ୍ରୀ ଜୟନ୍ତୀ ସାହୁଙ୍କ ଠାରୁ ପ୍ରକାଶ । ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱାଗତ କରିଥିଲେ ।

## ହାଇୱା ଧକ୍କାରେ ଘର ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, କ୍ଷତିପୂରଣ ଦାବିରେ ରାସ୍ତାରୋକ

ଖଣ୍ଡପଡ଼ା,(ପି.ଏନ): ଖଣ୍ଡପଡା-କଂଟିଲୋ ରାସ୍ତାର ବରକୋଳି ଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଗୃହ ନିର୍ମାଣ କରି ରହୁଥିବା ଧୃତ ପ୍ରଧାନଙ୍କ ଆଜବେଷ୍ଟସ ଛପର ଘର ଏକ ବାଲି ବୋଝେଇ ହାଇୱା ଧକ୍କାରେ ଭାଙ୍ଗି ଯାଇଥିବା ବେଳେ ଘର ନିକଟରେ ଥିବା ଏକ ସିମେଂଟ ବିଦ୍ୟୁତ ଖୁଂଟ ମଧ ଭାଙ୍ଗି ଯାଇ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା । ବୁଧବାର ମଧ ରାତ୍ରୀରେ ବାଲି ବୋଝେଇ ହାଇୱା ଗାଡିଟି ବିଦ୍ୟୁତ ଖୁଂଟକୁ ଧକ୍କା ଦେଇଥିଲା । ବିଦ୍ୟୁତ ଖୁଂଟଟି ଆଜବେଷ୍ଟସ ଛପର ଘର ଉପରେ ଖସିପଡିବା ସହ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ବାସିନ୍ଦା ଉପଯୁକ୍ତ କ୍ଷତିପୂରଣ ଦାବିରେ ବରକୋଳି ଛକରେ ରାସ୍ତାରୋକ ଆନ୍ଦୋଳନ କରିବା ଯୋଗୁଁ ଦୀର୍ଘ ୭ ଘଂଟା ଧରି ଉକ୍ତ ରାସ୍ତା ଦେଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ଆଇଆଇସି ବିଶ୍ୱଜିତ ରାଉତରାୟ ସଦଳବଳେ ଘଟଣାସ୍ଥଳରେ ପହଁଚି ଜନସାଧାରଣଙ୍କୁ ବୁଝାଶୁଝା କରିଥିଲେ । ପରେ ପ୍ରଶାସନିକ ଅଧିକାରୀ ଓ ହାଇୱା ମାଲିକ ସଂଘର ସଦସ୍ୟମାନଙ୍କ ମଧ୍ୟର ଆଲୋଚନା ହୋଇଥିଲା । କ୍ଷତିପୁରଣ ବାବଦ ସମସ୍ତ ଅର୍ଥ ହାଇୱା ମାଲିକ ସଂଘ ବହନ କରିବେ ବୋଲି ରାଜି ହେବା ପରେ ରାସ୍ତାରୋକ ଆନ୍ଦୋଳନ ହଟିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି ।

## ଆମୱେ ଇଣ୍ଡିଆ ବଲିଉଡ ମେଗାଷ୍ଟାର ଅମିତାଭ ବଚନଙ୍କୁ ଆମୱେ ଇଣ୍ଡିଆ ଏବଂ ନ୍ୟୁଟ୍ରିଲାଇଟ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଗର୍ବର ସହିତ ଘୋଷଣା କରୁଛି




ଭୁବନେଶ୍ୱର,(ପି.ଏନ) : ଦେଶର ଅନ୍ୟତମ ଅଗ୍ରଣୀ ପ୍ରତ୍ୟକ୍ଷ ବିକ୍ରୟକାରୀ ଏଫଏମସିଜି କମ୍ପାନୀ ଆମୱେ ଇଣ୍ଡିଆ ବଲିଉଡ ମେଗାଷ୍ଟାର ଅମିତାଭ ବଚନଙ୍କୁ ଏହାର ବ୍ରାଣ୍ଡ୍ ଆମ୍ବାସାଡର ଭାବରେ ନିଯୁକ୍ତ କରିବା ବିଷୟ ଘୋଷଣା କରିଛି। ଏହା ଏକ ସଠିକ ମୁହୂର୍ତ୍ତ ହୋଇଛି, କାରଣ ଉଭୟ ପ୍ରତିଷ୍ଠିତ, ଭରସାଯୋଗ୍ୟ ଏବଂ ବିଶ୍ୱସନୀୟ ବ୍ରାଣ୍ଡ୍ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ, ମହିଳା ସଶକ୍ତିକରଣର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରସାର କରିବା ଏବଂ ଏକ ପ୍ରଗତିଶୀଳ ଭାରତ ପାଇଁ ଉଦ୍ୟମିତା ଆଡକୁ ଯୁବବର୍ଗଙ୍କୁ ପ୍ରେରିତ କରିବା ଦିଗରେ ପରସ୍ପର ସହିତ ହାତ ମିଳାଇଛନ୍ତି। ଏହି ସ୍ମରଣୀୟ ମୁହୂର୍ତ୍ତର ଅଂଶସ୍ୱରୂପ କିମ୍ବଦନ୍ତୀ ଅଭିନେତା ଅମିତାଭ ବଚନ ବ୍ରାଣ୍ଡ୍ ଆମୱେ ଏବଂ ନ୍ୟୁଟ୍ରିଲାଇଟ ଉତ୍ପାଦ ବର୍ଗକୁ ସମସ୍ତ ପ୍ଲାଟଫର୍ମରେ ପୁଷ୍ଟି କରିବେ, ମାର୍ଗଦର୍ଶିତ ଔଦ୍ୟୋଗିକତା ଜରିଆରେ ମହିଳାମାନଙ୍କୁ ଉତ୍ସାହିତ କରିବା ତଥା ଯୁବବର୍ଗଙ୍କୁ ସଶକ୍ତ କରିବା କାର୍ଯ୍ୟ କରିବେ ଏବଂ ଏହିଭଳି ଭାବରେ ସୁସ୍ଥ ଏବଂ ଉନ୍ନତ ଜୀବନ ନିର୍ବାହ ନିମନ୍ତେ ଜନସାଧାରଣଙ୍କୁ ସହାୟତା କରିବାକୁ ଆମୱେର ଦୂରଦୃଷ୍ଟିକୁ ଅଧିକ ଦୃଢିଭୂତ କରିବେ। ଏହି ସଂପୃକ୍ତି ବିଷୟରେ ମତଦେଇ ଆମୱେ ଇଣ୍ଡିଆର ସିଇଓ ଶ୍ରୀ ଅଂଶୁ ବୁଧରାଜା କହିଛନ୍ତି, ନ୍ତଅତ୍ୟନ୍ତ ଗର୍ବ ଓ ସମ୍ମାନର ସହିତ ମୁଁ ସହସ୍ରାବ୍ଦର ନାୟକ ଅମିତାଭ ବଚନଙ୍କୁ ଆମୱେ ପରିବାରକୁ ସ୍ୱାଗତ କରୁଛି। ସଦା ସବୁଜ ପ୍ରଭାବଶାଳୀ ଏହି ଅଭିନେତାଙ୍କ ଠାରେ ବିପୁଳ ସକାରାତ୍ମକ ପ୍ରତିବେଦନ ଲକ୍ଷ୍ୟ କରାଯାଏ ଯାହା ବୟସ ବର୍ଗ ଏବଂ ଶ୍ରେଣୀ ନିର୍ବିଶେଷରେ ସମସ୍ତଙ୍କୁ ପ୍ରଭାବିତ କରିଥାଏ। ବିଶ୍ୱବ୍ୟାପୀ ସୁଖ୍ୟାତି ହାସଲ କରିବା ସତ୍ତ୍ୱେ ତାଙ୍କର ବିନୟୀ ଭାବ ଏବଂ ପରମ୍ପରା ଓ ମୂଲ୍ୟବୋଧରେ ବିଶ୍ୱାସ ଆମୱେର ସଂସ୍କୃତିର ଏକ ସ୍ପଷ୍ଟ ପ୍ରତିଫଳନ। ବର୍ଷ ବର୍ଷ ଧରି ଆମୱେ ଏବଂ ନ୍ୟୁଟ୍ରିଲାଇଟର ସମୃଦ୍ଧ ପୃଷ୍ଠଭୂମି, ଭରସାଯୋଗ୍ୟତା ଏବଂ ବିଶ୍ୱାସ ଏକ ମଜଭୁତ ଶକ୍ତି ପାଲଟିଛି ଯାହା ପୋଷଣ ଏବଂ ସାମଗ୍ରିକ କଲ୍ୟାଣ ଜଗତରେ ବାରି ହୋଇପଡେ। କୋଟି କୋଟି ଲୋକଙ୍କ ହୃଦୟରେ ବାସ କରୁଥିବା ଜଣେ ପ୍ରଭାବଶାଳୀ ବ୍ରାଣ୍ଡ୍ ଅମିତାଭ ବଚନଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିବା ଜନସାଧାରଣଙ୍କୁ ଉତ୍ତମ ଏବଂ ସୁସ୍ଥ ଜୀବନ ବଞ୍ଚିବାରେ ସାହାଯ୍ୟ କରିବା ଦିଗରେ ଆମର ଲକ୍ଷ୍ୟକୁ ଦୃଢିଭୁତ କରିବା ଦିଗରେ ଏକ ବିଜୟୀ ମେଣ୍ଟ ଥିଲା। ଆସନ୍ତା ବର୍ଷ ଆମୱେ ଇଣ୍ଡିଆର ୨୫ତମ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଆମେ ଅଗ୍ରସର ହେଉଥିବାବେଳେ ତାଙ୍କର କଠିନ ପରିଶ୍ରମ, ଏକାଗ୍ରତା, ଲକ୍ଷ୍ୟବଦ୍ଧ କାର୍ଯ୍ୟ ଏବଂ ଶୃଙ୍ଖଳା ଆଦି ମୁଖ୍ୟ ଗୁଣଗୁଡିକୁ ଆମର ଅତୁଲ୍ୟ ପ୍ରତ୍ୟକ୍ଷ ବିକ୍ରେତା/ ଖୁଚୁରା ବିକ୍ରେତାଙ୍କ ମଧ୍ୟରେ ଅନ୍ତର୍ନିବିଷ୍ଟ କରିବା ଆମର ଲକ୍ଷ୍ୟ। ବିଶେଷକରି ଔଦ୍ୟୋଗିକତା ପରିବ୍ୟବସ୍ଥା ମଧ୍ୟକୁ ଅଗ୍ରସର ହେଉଥିବା ମହିଳା ଏବଂ ଯୁବନେତୃତ୍ୱ ଉପରେ ଦୃଷ୍ଟିନିବଦ୍ଧ କରିବା ଆମର ଲକ୍ଷ୍ୟ ହୋଇଛି। ତାଙ୍କର ସଂପୃକ୍ତି ବିଷୟରେ ପ୍ରକାଶ କରି ଶ୍ରୀ ଅମିତାଭ ବଚନ କହିଛନ୍ତି, ନ୍ତଆମୱେ ସହିତ ସଂପୃକ୍ତ ହେବା ନେଇ ମୁଁ ଆନନ୍ଦ ଅନୁଭବ କରୁଛି। ଆମ ଦେଶର ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରି ଔଦ୍ୟୋଗିକତାର ଶକ୍ତି ବାହାରକୁ ଆଣିବା ଉପରେ ବ୍ରାଣ୍ଡ୍ର ଲକ୍ଷ୍ୟବଦ୍ଧ ପ୍ରୟାସ ପ୍ରଶଂସନୀୟ ଏବଂ ପ୍ରେରଣାଦାୟୀ ହୋଇଛି। ବର୍ତ୍ତମାନ ସମୟରେ ପୋଷଣ ଏବଂ କଲ୍ୟଶଣ ଆମ ଜୀବନର ନିର୍ବିବାଦୀୟ ଅଂଶ ପାଲଟିଥିବାବେଳେ ଜନସାଧାରଣଙ୍କ ଜୀବନକୁ ସୁସ୍ଥ ରଖିବା ସକାଶେ ନିଜର ଗୁଣାତ୍ମକ ଉତ୍ପାଦକୁ ନେଇ ବ୍ରାଣ୍ଡ୍ର ପ୍ରତିବଦ୍ଧତା ଏହି ବ୍ରାଣ୍ଡ୍ ଉପରେ ବିଶ୍ୱାସଭାବକୁ ପ୍ରତିଭାତ କରୁଛି। ପ୍ରକୃତିର ସର୍ବୋତ୍ତମକୁ ବିଜ୍ଞାନର ସର୍ବୋତ୍ତମ ଏବଂ ପାରମ୍ପରିକ ଜ୍ଞାନ ସହିତ ସମ୍ମିଶ୍ରଣ କରିବା ଦିଗରେ ଆମୱେର ଆଭିମୁଖ୍ୟ କିଛି ଭିନ୍ନ ବୋଲି ମୋର ଦୃଢ ବିଶ୍ୱାସ। ଆମୱେ ପରିବାରର ଅବିଚ୍ଛେଦ୍ୟ ଅଂଗ ହେବାକୁ ମୁଁ ଆଶା ରଖୁଛି। ନୂଆକରି ଚୁକ୍ତିବଦ୍ଧ ହୋଇଥିବା ବ୍ରାଣ୍ଡ୍ ଆମ୍ବାସାଡର ଅମିତାଭ ବଚନଙ୍କ ସମ୍ପର୍କରେ ପ୍ରକାଶ କରି ଆମୱେ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଅଜୟ ଖାନ୍ନା କହିଛନ୍ତି, ନ୍ତସମୁଦାୟ ପୋଷଣ ବର୍ଗରେ ନୂତନ ଉତ୍ପାଦ ସୃଷ୍ଟି ସହିତ ଆମୱେ ତାହାର ଚମତ୍କାର ଅଭିବୃଦ୍ଧି ଯାତ୍ରା ପଥରେ ଅଗ୍ରସର ହେଉଥିବାବେଳେ ଶ୍ରୀ ବଚନଙ୍କର ଭରସାଯୋଗ୍ୟତା ଏବଂ ବ୍ୟକ୍ତିତ୍ୱ ବ୍ରାଣ୍ଡ୍ ଆମୱେ ଏବଂ ନ୍ୟୁଟ୍ରିଲାଇଟର ଅନ୍ତର୍ନିହିତ ମୂଲ୍ୟବୋଧ ସହିତ ସଂପୂର୍ଣ୍ଣ ସଠିକ ମେଳ ଖାଉଛି। ଆମ ସହିତ ତାଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବରେ ପାଇ ଆମେମାନେ ଅତ୍ୟନ୍ତ ଆନନ୍ଦିତ। ତାଙ୍କ ସହିତ ଆମର ସଂପୃକ୍ତି ବିବିଧ ବଜାରରେ ଉପଭୋକ୍ତାଙ୍କ ମନ ମଧ୍ୟରେ ଆମର ଗଭୀରତମ ପ୍ରବେଶରେ ସହାୟକ ହେବ। ଏହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଖାଦ୍ୟରେ ରହୁଥିବା ପୋଷଣଗତ ପାର୍ଥକ୍ୟ ପୂରଣ କରିବାକୁ ପୋଷଣ ପରିପୂରକର ଗୁରୁତ୍ୱ ବିଷୟ ଉପରେ ଆମର ସ୍ଥିତିକୁ ଅଧିକ ପରିପୁଷ୍ଟ କରିବ ଏବଂ ଚଳିତ ତଥା ସମ୍ଭାବ୍ୟ ପ୍ରତ୍ୟକ୍ଷ ବିକ୍ରେତା/ ଖୁଚୁରା ବିକ୍ରେତାଙ୍କୁ ଏହି ବ୍ରାଣ୍ଡ୍ ସହିତ ଯୋଡିହେବା ବିଷୟକୁ ଉତ୍ସାହିତ କରିବ। ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଉଚ୍ଚତର ସଚେତନତା ଉପରେ ଦଣ୍ଡାୟମାନ ଏହି କମ୍ପାନୀ ନୂତନ ଏବଂ ଅଭିବୃଦ୍ଧିଶୀଳ ବଜାର ଚାହିଦା ପୂରଣ କରିବାକୁ ନୂତନ ସମାଧାନ ସମ୍ପର୍କରେ ଅଗ୍ରାଧିକାର ଭିତ୍ତିରେ ଅନୁଧ୍ୟାନ କରୁଛି। ଏଦିଗରେ ଆମୱେ ନିକଟରେ ନ୍ୟୁଟ୍ରିଲାଇଟ ଭିଟାମିନ ସି ଚେରି ପ୍ଲସ ଏବଂ ନ୍ୟୁଟିଲାଇଟ ଭିଟାମିନ ଡି ପ୍ଲସ ଭଳି ଶକ୍ତିଶାଳୀ ପୋଷର ଉତ୍ପାଦ ପ୍ରଚଳନ କରିଥିଲା, ଯାହା ଏହି ବର୍ଗରେ ସମ୍ପୂର୍ଣ୍ଣ ଭିନ୍ନତା ଆଣିଛନ୍ତି। ଏହି ବର୍ଗରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ସଂପ୍ରତି ଏହା ୬୦%ରୁ ଅଧିକ ବ୍ୟବସାୟିକ ରାଜସ୍ୱ ପ୍ରଦାନ କରୁଛି। ଉପଭୋକ୍ତାଙ୍କ ଚାହିଦା ଧାରା ଅନୁଯାୟୀ ୨୦୨୪ ସୁଦ୍ଧା ପୋଷଣ ବର୍ଗର ଅବଦାନ ୬୫%କୁ ବୃଦ୍ଧିପାଇବା ନେଇ କମ୍ପାନୀ ଆଶା ରଖିଛି।

## ୨୩ଜଣ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ହେଲେ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନସ୍ଥ ବିଭିନ୍ନ ହାଇସ୍କୁଲରେ ୨୦୧୪ ମସିହାରେ ନିଯୁକ୍ତି ପାଇଥିବା ୨୩ଜଣ ଚୁକ୍ତିଭିତ୍ତିକ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଚାକିରୀକୁ ସରକାର ୨୦୨୦ ମସିହାରେ ନିୟମିତ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ସଂଖ୍ୟା ୧୯୨୨୩ ତା ୦୫.୧୦.୨୦୨୧ ଏବଂ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ର ସଂଖ୍ୟା ୨୭୧୪୪ ତା ୧୧.୧୦.୨୦୨୧ ଆଧାରରେ ଜିଲ୍ଲା ଶିକ୍ଷା ଅଧିକାରୀ ସଂଗ୍ରାମ ସାହୁ ଏହି ୨୩ ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଚାକିରୀକୁ ନିୟମିତ ସମ୍ପର୍କିତ ଆଦେଶପତ୍ର ପ୍ରଦାନ କରିଛନ୍ତି। ଏଥିପାଇଁ ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ କରିଛନ୍ତି। ନିୟମିତକରଣ ପ୍ରକ୍ରୀୟାକୁ ତ୍ୱରାନ୍ୱିତ କରିବା କାର୍ଯ୍ୟରେ ସହାୟକ ହୋଇଥିବା ଅତିରିକ୍ତ ଜିଲ୍ଲା ଅଧିକାରୀ ଜଗବନ୍ଧୁ ସାହୁ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଚିନ୍ତାମଣୀ ପଣ୍ଡା,କନିଷ୍ଠ କିରାଣୀ ଗଙ୍ଗାଧର ସାହୁ,ଅନନ୍ତ ସାହୁଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏହି ନିୟମିତକରଣ ସେମାନଙ୍କ ଚାକିରୀରେ ସ୍ଥାୟିତ୍ୱ ଓ ଶିକ୍ଷାଦାନ କାର୍ଯ୍ୟରେ ମନୋବଳ ବୃଦ୍ଧି କରିବ ବୋଲି ସେମାନେ କହିଛନ୍ତି।

## ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ଆନ୍ଦୋଳନ ଦାନା ବାନ୍ଧୁଛି ଖଣ୍ଡପଡା ବିଡିଓଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ମହିଳା ଗୋଷ୍ଠୀ



ଖଣ୍ଡପଡ଼ା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମରେ ମିଶନଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦର ସୂତ୍ରପାତ ହେବା ସହ ଆନ୍ଦୋଳନ ଦାନା ବାନ୍ଧୁଛି । ବିଡିଓଙ୍କ ମେରୀରାୟ ନୀତି ଓ ଲାଂଚଖୋର ମନୋବୃତି ନେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ବିରୁଦ୍ଧରେ ନୟାଗଡ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଜଣାଯାଇଛି । ଉକ୍ତ ମିଶନ ଶକ୍ତି ଗୃହ ନିର୍ମାଣ ବାବଦରେ ବିଡିଓ ଅରୁଣୀମା ସାହୁ କୁଆଡେ ୫୦ ହଜାର ଟଙ୍କା ଦେବା ପାଇଁ ଦାବି କରିଥିବା ନେଇ ୪ଟି ମହିଳା ଗୋଷ୍ଠୀର ସଦସ୍ୟାମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଂଚଳର ଜଣେ ଠିକାଦାରଙ୍କ ଠାରୁ ମୋଟା ଅଙ୍କର ହାତଗୁଂଜା ନେଇ ଉକ୍ତ ଠିକାଦାରଙ୍କୁ ମିଶନ ଶକ୍ତି ଗୃହ ନିର୍ମାଣରେ ନିୟୋଜିତ କରାଯାଇଥିବାରୁ ଏହାକୁ ବିରୋଧ କରି ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିଛନ୍ତି ମହିଳା ଗୋଷ୍ଠୀର ସଦସ୍ୟାମାନେ । ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ମଂଜୁର ହୋଇଛି । କୁମ୍ଭାରପଡା ଗ୍ରାମର ରାଜୀବଗାନ୍ଧୀ ସେବା କେନ୍ଦ୍ର ଉପରେ ଏହି ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ଅଂଟା ଭିଡିଥିବା ବେଳେ ଉକ୍ତ ଜାଗାରେ ନିର୍ମାଣକୁ ବିରୋଧ କରି ମହିଳା ଗୋଷ୍ଠୀର ସଦସ୍ୟାମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ଝୁଲାଇ ଦେଇଥିବା ଜଣାଯାଇଛି । କୁମ୍ଭାରପଡା ଗ୍ରାମର ସରକାରୀ ଜାଗାରେ ମିଶନ ଶକ୍ତି ଗୃହ ନିର୍ମାଣ ନିମନ୍ତେ ପ୍ରଶାସନ ଦୃଷ୍ଟି ନଦେଇ କାହିଁକି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଉପରେ ଏହି ଗୃହ ନିର୍ମାଣ କରିବାକୁ ଜିଦ୍ ଧରିଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି । ଅପରପକ୍ଷେ ଆସନ୍ତା ୭ ଦିନ ମଧ୍ୟରେ ଉପରୋକ୍ତ ଅଭିଯୋଗର କୌଣସି ସମାଧାନ ନହେଲେ ନଭେମ୍ବର ୧୦ ତାରିଖରେ କୁମ୍ଭାରପଡା ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ସଂପର୍କରେ ବିଡିଓଙ୍କୁ ପଚାରିବାରୁ ସେ ଅଭିଯୋଗର କୌଣସି ସତ୍ୟତା ନଥିବା କହିଛନ୍ତି






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray